## ଡେରାବିଶର ବିଭିନ୍ନ ସ୍ଥାନରେ ବାରୁଣୀ ସ୍ନାନ

ଡେରାବିଶ, (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଶୁକ୍ରବାର ବାରୁଣୀ ସ୍ନାନ ଆରମ୍ଭ ହୋଇଛି। ଏଣ୍ଡର ପଞ୍ଚାୟତ ଗୋବରୀ ନଦୀ ବାରୁଣୀ ଘାଟରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ପଞ୍ଚୁପାଣ୍ଡବଙ୍କ ମନ୍ଦିର ଦର୍ଶନ କରିଥିଲେ। ସେହିପରି ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳସ୍ଥିତ ଶୈବପୀଠ ଖଲାରେଶ୍ୱରଙ୍କ ନିକଟ ଲୁଣାନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ଜିଲାର ଇନ୍ଦୁପୁରଠାରେ ଅନୁଷ୍ଠିତ ବାରୁଣୀ ଯାତ୍ରା କରୋନା ଯୋଗୁ ବନ୍ଦ ହୋଇଥିଲେ ମଧ୍ୟ କେବଳ ବିରୂପା ନଦୀରେ ଶ୍ରଦ୍ଧାଳୁମାନେ ବୁଡ ପକାଇ ନଦୀ କୂଳରେ ଥିବା ମା' ଚଣ୍ଡୀଙ୍କ ମନ୍ଦିରରେ ଦର୍ଶନ କରିଥିଲେ।

### ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା
- ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଲୋକଅଦାଲତ, କେନ୍ଦ୍ରାପଡ଼ା କୋର୍ଟ, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୧୦ଟା।

### ସଂକ୍ଷେପରେ

## ଓଡ଼ିଶା ଇତିହାସ ହିନ୍ଦୀ ସଂସ୍କରଣର ସିଧା ପ୍ରସାରଣ

**କେନ୍ଦ୍ରାପଡା ଅଫିସ/ ଜଗତ୍‌ସିଂହପୁର ଅଫିସ, ୯।୪:** ଡ. ହରେକୃଷ୍ଣ ମହତାବଙ୍କ ଲିଖିତ 'ଓଡ଼ିଶା ଇତିହାସ'ର ହିନ୍ଦୀ ସଂସ୍କରଣ ଶୁକ୍ରବାର ଉନ୍ମୋଚିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ମୁଖ୍ୟଅତିଥି ହୋଇଥିବା ବେଳେ ଏହାର ସିଧା ପ୍ରସାରଣ କେନ୍ଦ୍ରାପଡ଼ା ସହର ଶ୍ୟାମସୁନ୍ଦରପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ହୋଇଥିଲା। ପୁସ୍ତକ ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର କୀର୍ତ୍ତି, ସାମାଜିକ ଓ ରାଜନୈତିକ ଉତ୍‌ଥାନ ସମ୍ପର୍କରେ ମତ ଦେବା ସହ ସାରା ଦେଶ ଏ ସମ୍ପର୍କରେ ଜାଣିବା ଆବଶ୍ୟକ ବୋଲି ମତ ଦେଇଥିଲେ। କେନ୍ଦ୍ରାପଡ଼ାର ସିଧା ପ୍ରସାରଣକୁ ସଂଯୋଜକ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିବା ବେଳେ ଏଥିରେ ବହୁ ରାଜନେତା, ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

ସେହିପରି ଓଡ଼ିଶା ଇତିହାସ ପୁସ୍ତକର ହିନ୍ଦୀ ସଂସ୍କରଣ ଉନ୍ମୋଚନ ଦେଖିବାକୁ ଜଗତ୍‌ସିଂହପୁରସ୍ଥିତ ସାରଳା ଦେବୀ କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ହରେକୃଷ୍ଣ ମହତାବ ଫାଉଣ୍ଡେଶନର ସୁରେନ ମହାନ୍ତି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ପୂର୍ବତନ ସଭାପତି ଉପେନ୍ଦ୍ରନାଥ ବିଶ୍ୱାଳ, ଉପସଭାପତି ସୌଭାଗ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟଜନ୍ତୁଙ୍କୁ ପାଣି ଯୋଗାଇବାକୁ ଦାବି

**ମହାକାଳପଡ଼ା,୯।୪(ଡି.ଏନ.ଏ.)** ବନ୍ୟଜନ୍ତୁଙ୍କୁ ପାଣି ଯୋଗାଇ ଦେବାକୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ବ୍ଲକର ବାବରହାଟଠାରେ ବୈଠକ କରାଯାଇ ଦାବି ଉପସ୍ଥାପିତ କରାଯାଇଛି।

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଉପକୂଳ ବନାଞ୍ଚଳରେ ବନ୍ୟ ଜୀବଜନ୍ତୁ ଖରାଦିନେ ପିଇବା ପାଣି ପାଇଁ ସମସ୍ୟା ସୃଷ୍ଟି ହେଉଛି। ଜଙ୍ଗଲ ମଧ୍ୟରେ ପୋଖରୀ ଖନନ ହେଉନାହିଁ। ଫଳରେ ଜୀବଜନ୍ତୁ ପାଣି ପିଇବାକୁ ନିକଟ ଜନବସତି ମୁହାଁ ହେଉଛନ୍ତି। ଏହାର ସୁଯୋଗ ନେଇ ଶିକାରୀ ବାର୍ହା, ହରିଣ ସମେତ ଅନ୍ୟ ଜୀବଜନ୍ତୁ ଶିକାର କରୁଛନ୍ତି। ତୁରନ୍ତ ବନ ବିଭାଗ ଅଧିକାରୀ ପଦକ୍ଷେପ ନ ନେଲେ ସମିତି ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଉପସ୍ଥିତ ସଦସ୍ୟ ମତବ୍ୟକ୍ତ କରିଛନ୍ତି। ବୈଠକରେ ସମିତିର ଅଧକ୍ଷ ସତ୍ୟ ପ୍ରକାଶ ମହାନ୍ତି, ସମ୍ପାଦକ ହେମନ୍ତ କୁମାର ରାଉତ, ଉପଦେଷ୍ଟା ଅଶୋକ ସ୍ୱାଇଁ, ଉପସଭାପତି ପ୍ରଭୁ ମହାପାତ୍ର, ସାଇକୃପା ବଳିଆରସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଳପଥ ଅବରୋଧ, ମାଟି ହେଉଛି ବନ୍ଧ୍ୟା

**କେନ୍ଦ୍ରାପଡ଼ା ଅଫିସ, ୯।୪**

### ସହର ପରିବେଶକୁ ନଷ୍ଟ କରୁଛି ପ୍ଲାଷ୍ଟିକ
- କାଗଜପତ୍ରରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ
- ଗୋରୁ ବି ଗିଳୁଛନ୍ତି ପ୍ଲାଷ୍ଟିକ ଥଳି

୨୦୧୬ରେ ରାଜ୍ୟର ସର୍ବପ୍ରଥମ ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ଲାଷ୍ଟିକ ଓ ପଲିଥିନ ଉପରେ କଟକଣା ହୋଇଥିଲା। ୫୦ ମାଇକ୍ରନରୁ ଅଧିକ ଓଜନର ପଲିଥିନ ବ୍ୟବହାର କଲେ ୫ ହଜାର ଟଙ୍କା ଜରିମାନା ହେବ ବୋଲି ସେ ସମୟରେ ସହର ସାରା ପ୍ରଚାର କରାଯାଇଥିଲା। ଏହି କଟକଣାକୁ ଇତିମଧ୍ୟରେ ୫ ବର୍ଷ ବିତିଛି। ସହରର ପ୍ରତ୍ୟେକ ଡ୍ରେନ, ଗଳିକନ୍ଦି, ଗୋବରୀ କେନାଲ, ନଦୀରେ ପରିତ୍ୟକ୍ତ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନ କୁଢ଼ କୁଢ଼ ଜମା ହୋଇ ପରିବେଶ ନଷ୍ଟ କରୁଛି। ୧୫୨ ବର୍ଷର ପୁରୁଣା ଏହି ମ୍ୟୁନିସିପାଲିଟିର ଡ୍ରେନେଜ ସିଷ୍ଟମରେ ପଡୁଥିବା ପ୍ଲାଷ୍ଟିକ ଜଳପଥକୁ ଅବରୋଧ କରୁଛି। ରାସ୍ତା ଉପରେ ସାମାନ୍ୟ ଖାଦ୍ୟ ସାମଗ୍ରୀ ଥିବା ପଲିଥିନକୁ ଗୃହପାଳିତ ପଶୁ ଗିଳୁଛନ୍ତି। ସେହିପରି ମାଟିରେ ପଲିଥିନ ମିଶି ପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳ ଧୀରେ ଧୀରେ ବନ୍ଧ୍ୟା ପାଲଟୁଛି। ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାଗଜପତ୍ରରେ ସୀମିତ ରହିଥିବା ବେଳେ ସହରର ପରିବେଶକୁ ପ୍ଲାଷ୍ଟିକର ବହୁଳ ବ୍ୟବହାର ନଷ୍ଟ କରୁଥିବା ସହରବାସୀ ମତ ଦେଇଛନ୍ତି।

ଏସମ୍ପର୍କରେ ଖଡିଅଙ୍ଗର ସେକ୍ ଅମଜାନ କହିଛନ୍ତ, ଅଳ୍ପ ଖର୍ଚ୍ଚ, ସୁନ୍ଦର, ନମନୀୟ ଗୁଣ, ପାଣି ଓ ଧୂଳିକୁ ଧରି ରଖୁ ନ ଥିବା ପ୍ଲାଷ୍ଟିକ ଖୋଳ ସାଧାରଣରେ ବ୍ୟବହାର ପାଇଁ ଉପଯୋଗ କରାଯାଉଛି। ତେବେ ଏହି ଖୋଳକୁ ବ୍ୟବହାର ପରେ ବାହାରେ ଫୋପାଡିବା ଦ୍ୱାରା ସହରର ପରିବେଶ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ୫ ବର୍ଷ ପୂର୍ବେ ସହର ମଧ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ କଟକଣା ଲଗାଯାଇଥିଲା। ସେହି ସମୟରେ ଦୋକାନ ବଜାରରେ ପଲିଥିନ ବ୍ୟବହାର କମ୍ ହୋଇଥିଲା। ତେବେ କିଛି ମାସ



କେନ୍ଦ୍ରାପଡ଼ା ସହର ମଧ୍ୟରେ ଥିବା ଗୋବରୀ କେନାଲରେ ଆବର୍ଜନା ପଡ଼ି ପୋତିହୋଇଛି।

ପରେ ଏ ସମ୍ପର୍କରେ ପୌର କାର୍ଯ୍ୟାଳୟ ପକ୍ଷରୁ କୌଣସି ତନାଘନା ନ ହେବାରୁ ପୁନର୍ବାର ପ୍ଲାଷ୍ଟିକ ବ୍ୟବହାର ବଢ଼ି ଚାଲିଛି। ଏହି ସାମଗ୍ରୀ ଡ୍ରେନ୍‌ରେ ପଡି ରହିବା ଫଳରେ ଜଳପଥ ଅବରୋଧ ହେଉଛି। ସାମାନ୍ୟ ବର୍ଷାରେ ଡ୍ରେନରୁ ପାଣି ରାସ୍ତା ଉପରକୁ ଆସି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏବେ ଗୋବରୀ କେନାଲ ଓ ଗୋବରୀ ନଦୀ ପରିତ୍ୟକ୍ତ ପ୍ଲାଷ୍ଟିକ ସାମଗ୍ରୀରେ ଭରପୂର ହୋଇଛି। ପ୍ରତ୍ୟେକ ନିୟମକୁ କାଗଜପତ୍ରରେ ସୀମିତ ନ ରଖି ବାସ୍ତବ କାର୍ଯ୍ୟକାରୀ କଲେ ସହର ମଧ୍ୟରେ ପୁନର୍ବାର ଫଳ, ଫୁଲରେ ଭରିଯିବ ବୋଲି ସେ ମତ ଦେଇଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ସହର ମଧ୍ୟରେ ଏବେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଜଣେ ଲୋକ ଦିନକୁ ହାରାହାରି ୫୦୦ ଗ୍ରାମ ଜୈବିକ ଓ ଅଜୈବିକ (ପ୍ଲାଷ୍ଟିକ, ପଲିଥିନ ଆଦି) ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବା ବେଳେ ମାସକୁ ୭୫ ମେଟ୍ରିକ ଟନ୍ ବର୍ଜ୍ୟବସ୍ତୁ ନିଷ୍କାସନ ହେଉଛି। ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାର୍ଯ୍ୟକାରୀ ହେଉ ନ ଥିବାରୁ କେତେଜଣ ବ୍ୟକ୍ତି ନିଜର ପାଇଖାନା ପାଇପ ସିଧାସଳଖ କେନାଲ ଓ ନଦୀକୁ ଛାଡି ଦେଇଛନ୍ତି। ସେହିପରି ଘରର ଅଳିଆ ଆବର୍ଜନା ଏଠାରେ ପକାଉଛନ୍ତି। ୨୦୧୬ରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ଏ ନେଇ ଉଦ୍‌ବେଗ ପ୍ରକାଶ କରି ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ କେବଳ କାଗଜପତ୍ରରେ ସୀମିତ ଅଛି। ତୁରନ୍ତ ଏ ନେଇ ଚିନ୍ତା କରିବା ସମୟ ଆସିଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ପଚାରିବାରେ ସହର ମଧ୍ୟରେ ବର୍ଜ୍ୟବସ୍ତୁ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ଦିନ ସଫେଇ ହେବା ସହ ସହର ସାରା ଡଷ୍ଟବିନ ରଖାଯାଇଛି। ଏଥିସହ ପ୍ଲାଷ୍ଟିକ ବ୍ୟବହାରକୁ କମ୍ କରିବାକୁ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି।

## ନରସିଂହପୁର ପଞ୍ଚାୟତ ଉପ ନିର୍ବାଚନ
## ପ୍ରାର୍ଥୀପତ୍ର ଦାଖଲ

**ପଟ୍ଟାମୁଣ୍ଡାଇ ୯।୪ (ସ୍ୱ. ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପଦ ଖାଲି ପଡିଥିବାରୁ ଉପନିର୍ବାଚନ ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସରପଞ୍ଚ ପ୍ରଭାତ ସେଠୀ ୨୦୨୦ ନଭେମ୍ବରରେ ଅନାସ୍ଥା ଭୋଟରେ ହାରି ଯାଇଥିଲେ। ସମିତିସଭ୍ୟ ଆଦିକନ୍ଦ ସେଠୀଙ୍କ ମୃତ୍ୟୁ ଘଟିଥିଲା। ଏହି ୨ଟି ପଦବୀ ପୂରଣ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକରେ ନାମାଙ୍କନପତ୍ର ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇ ଏପ୍ରିଲ ୫ରେ ଶେଷ ହୋଇଛି। ସରପଞ୍ଚ ପଦବୀ ପାଇଁ ନରସିଂହପୁରର ଧୀରେନ୍ଦ୍ର ମଳିକ, ଅଢାଖଣ୍ଡର ଗୋପୀନାଥ ମଳିକ, ପ୍ରଦୀପ ମଳିକ, ଅଇନପଡାର ବିକ୍ରମ ମଳିକ, ଶିବପ୍ରସାଦ ମଳିକ ଓ ନରସିଂହପୁର ଗ୍ରାମର ଅନନ୍ତ କିଶୋର ମଳିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମିତିସଭ୍ୟ ପାଇଁ ନରସିଂହପୁର ଗାଁର ବିଶ୍ୱଜିତ ମଳିକ ଓ ଅଢାଖଣ୍ଡ ଗାଁର ବିଷ୍ଣୁ ଚରଣ ମଳିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚଳିତ ମାସ ୨୮ ତାରିଖରେ କଡା କଟକଣା ଭିତରେ ନିର୍ବାଚନ ହେବ ବୋଲି ପଟ୍ଟାମୁଣ୍ଡାଇ ବିଡିଓ ତଥା ନିର୍ବାଚନ ଅଧିକାରୀ ଭରତ ଚନ୍ଦ୍ର ପରିଡା କହିଛନ୍ତି।

# ଟ୍ରଲର ଜବତ, ୧୧ ମତ୍ସ୍ୟଜୀବୀ କୋର୍ଟ ଚାଲାଣ






ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରଞ୍ଜନ ଦେ ଅନ୍ୟ ଅଧିକାରୀଙ୍କ ସହ ଗିରଫ ୧୧ ମତ୍ସ୍ୟଜୀବୀ ଓ ଜବତ ଟ୍ରଲର।

**ରାଜନଗର, ୯।୪(ଡି.ଏନ.ଏ.)**

### ସମୁଦ୍ରରେ ବନ ବିଭାଗ ପାଟ୍ରୋଲିଂ ଟିମ୍‌କୁ ଆକ୍ରମଣ ଘଟଣା

ମାର୍ଚ୍ଚ ୧୫ ତାରିଖରେ ଗଭୀର ସମୁଦ୍ରରେ ବନ ବିଭାଗ ପାଟ୍ରୋଲିଂ ଟ୍ରଲରକୁ ବୁଡାଇ ସେଥିରେ ଥିବା କର୍ମଚାରୀଙ୍କୁ ଜଳ ସମାଧି ଦେବାକୁ ଯୋଜନା କରି ଆକ୍ରମଣ କରିଥିବା ଧାମରା ଅଞ୍ଚଳର ନିୟୁ ଜନନୀ-୧ ଟ୍ରଲରକୁ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଗୁରୁବାର ଜବତ କରିଛି। ଟ୍ରଲରରେ ଥିବା ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ରତନ ଦେ, ବାବୁଲାଲ ମାଇତି, ଗୋବିନ୍ଦ ମଣ୍ଡଳ, ଅର୍ଜୁନ ହାଜରା, ଅଶୋକ ମାଇତି, ଗୌତମ ବାରିକ, ପ୍ରାଣକୃଷ୍ଣ ବାରିକ, ରାମକୃଷ୍ଣ ବେରା, ଶ୍ରୀକୃଷ୍ଣ ବେରା, ଏମ୍.ଡି. ସରବ ଅଲ୍ଲୀସାହା, ନିତ୍ୟାନନ୍ଦ ଦାସ।

ଶୁକ୍ରବାର ତାଳଚୁଆ ସାମୁଦ୍ରିକ ଥାନାରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ଖବରଦାତା ସମ୍ମିଳନୀ କରି ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିଛନ୍ତି। ୧୫ ମାର୍ଚ୍ଚ ରାତି ସାଢେ ୧୦ଟାରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ନିୟୁ ଜନନୀ-୧ ଟ୍ରଲର ବେଆଇନ ଭାବେ ମାଛ ମାରୁଥିଲା। ବନ ବିଭାଗ ଟିମ୍ ପଦ୍ମାଳୟା ନାମକ ଟ୍ରଲରରେ ପାଟ୍ରୋଲିଂ କରୁଥିଲେ। ବେଆଇନ ମାଛ ମାରୁଥିବା ନିୟୁ ଜନନୀ-୧ ଟ୍ରଲରକୁ ଧରିବାକୁ ଉଦ୍ୟମ କରିବାରୁ ବନ କର୍ମଚାରୀଙ୍କୁ ହତ୍ୟା ପାଇଁ ଉଦ୍ୟମ କରିଥିଲେ। ଏପରିକି ପାଟ୍ରୋଲିଂ ଟ୍ରଲରକୁ ଧକ୍କା ଦେଇ ଅଚଳ କରି ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ହାଇକୋର୍ଟ ମେରାଇନ ଥାନାକୁ ସ୍ପିଡ ବୋଟ ଓ ସଶସ୍ତ୍ର ବଳ ପୋଲିସ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଗତ ୨ ତାରିଖରେ ତାଳଚୁଆ ସାମୁଦ୍ରିକ ଥାନାକୁ ସ୍ପିଡ ବୋଟ ଆସିବା ପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ପୋଲିସ ବନବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ କରିଥିବା ନିୟୁ ଜନନୀ-୧ ଟ୍ରଲରକୁ ଗୁରୁବାର ଧାମରା ବେସରୁ ଜବତ କରିଛି। ଏଥିସହ ୧୧ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସୂଚନା ଦିଆଯାଇଛି। ନିୟୁ ଜନନୀ-୧ ଟ୍ରଲରର ମାଲିକଙ୍କ ରମା ଭାଗ୍ୟଲକ୍ଷ୍ମୀ-୨, ମା' ମହାମାୟା-୨, ମା' ରାଜଲକ୍ଷ୍ମୀ-୧, ମା' ସୋନାତାରିଣୀ-୧ ନାମରେ ଟ୍ରଲର ରହିଛି। ଏହି ସମସ୍ତ ଟ୍ରଲର ବେଆଇନ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରୁ ମାଛ ମାରନ୍ତି। ସେମାନଙ୍କ ନାଁରେ ମାମଲା ରହିଛି ବୋଲି ସମ୍ମିଳନୀରେ ଏସଡିପିଓ ଦେ ସୂଚନା ଦେଇଛନ୍ତି।

## ପ୍ରେମୀଯୁଗଳଙ୍କ ମୃତଦେହ ଜବତ

**ରାଜନଗର, ୯।୪(ଡି.ଏନ.ଏ.)**

ରାଜନଗର ଥାନା ପେଣ୍ଠ ସମୁଦ୍ର ବେଳାଭୂମିରୁ ପ୍ରେମୀ ଯୁଗଳଙ୍କ ମୃତଦେହ ପଡିଥିବା ରାଜନଗର ବନ ବିଭାଗ କର୍ମଚାରୀଙ୍କ ପକ୍ଷରୁ ସୂଚନା ପାଇ ପୋଲିସ ଶୁକ୍ରବାର ଜବତ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ କଇଁଛମାନଙ୍କୁ ସୁରକ୍ଷା ଲାଗି ପଇଁତରା ବେଳେ ବନ କର୍ମଚାରୀ ୨ ମୃତଦେହକୁ ଦେଖି ରାଜନଗର ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ ଆଇଆଇସି ତପନ କୁମାର ନାୟକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଆଇଆଇସି ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ଦେହରେ ଖଇରିଆ ରଙ୍ଗର ଗଞ୍ଜି, କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଛନ୍ତି। ଯୁବତୀ ଜଣଙ୍କ ଏକ ନୀଳ ପ୍ୟାଣ୍ଟ ପିନ୍ଧି ଥିବାବେଳେ ଦେହରେ ଆଉ କିଛି ନାହିଁ। ତାଙ୍କର ଡାହାଣ ହାତ ନାହିଁ। ସମୁଦ୍ରରେ ବଡ ମାଛ କିମ୍ବା ଜଳ ଜୀବ ଖାଇ ଦେଇଥିବା ଅନୁମାନ କରାଯାଉଛି। ମୃତଦେହରୁ ଦୁର୍ଗନ୍ଧ ବାହାରୁ ଥିବାରୁ ୨ରୁ୩ ଦିନ ମଧ୍ୟରେ ସେମାନଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଦୁଇ ମୃତଦେହ ମୁହଁ ମାଡି ବାଲିରେ ପଡିଛି। ପୋଲିସ ମୃତଦେହକୁ ଚିହ୍ନଟ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି।

## ୩ ବ୍ଲକ୍‌ର ଚାଷୀଙ୍କୁ ମାଛ ଖାଦ୍ୟ ବଣ୍ଟନ



ରାଜନଗରରେ ମତ୍ସ୍ୟଚାଷୀଙ୍କୁ ମାଛ ଖାଦ୍ୟ ବଣ୍ଟା ଯାଉଛି।

**ରାଜନଗର, ୯।୪(ଡି.ଏନ.ଏ.)**

ମାଛ ଚାଷୀଙ୍କ ଆୟ ବୃଦ୍ଧି ସହିତ ମାଛ ଉତ୍ପାଦନରେ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏସ୍‌ଏସ୍‌ପି ସିଫା ପ୍ରୋଗ୍ରାମ ମାଧ୍ୟମରେ ମାଛ ଚାଷୀଙ୍କୁ ମାଛ ଖାଦ୍ୟ ଯୋଗାଇ ଦେଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ୩ ବ୍ଲକ୍‌ର ଅନୁସୂଚିତ ଜାତିର ୨୮ ଚାଷୀଙ୍କୁ ବିନା ମୂଲ୍ୟରେ ମାଛ ଖାଦ୍ୟ ଦିଆଯାଇଛି। ରାଜନଗର ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବ୍ଲକ୍‌ର ୨୩ଜଣ, ପଟ୍ଟାମୁଣ୍ଡାଇ ଓ ଡେରାବିଶ ବ୍ଲକ୍‌ର ୨ଜଣ ଲେଖାଏ ମାଛ ଚାଷୀଙ୍କୁ ମାଛ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, କେନ୍ଦ୍ରାପଡା ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଫିରୋଜ ଖାନ, ସିଫା ବୈଜ୍ଞାନିକ ସୁନିଲ ଅଲ୍ଲୀ, ବୈଜ୍ଞାନିକ ଶିବା ରମଣ, ରାଜନଗରର ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ବିକାଶ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସହକାରୀ ମତ୍ସ୍ୟ ଅଧିକାରିଣୀ ହରପ୍ରିୟା ବେହେରା, ଜେଏଫ୍‌ଟିଏ ଜୟ ପ୍ରକାଶ ମହାରଣା, ଡେରାବିଶ ଜେଏଫ୍‌ଟିଏ ଯଯାତିକେଶରୀ ବେହୁରା, ମହିଁଷାସୁର ସରପଞ୍ଚ ପ୍ରତୀମା ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଟୋକନ ବାତିଲ ପ୍ରତିବାଦରେ ଧାରଣା ପ୍ରସଙ୍ଗ
## ଆଲୋଚନା ମାଧ୍ୟମରେ ବିବାଦ ତୁଟିଲା

**ବାଲିକୁଦା,୯।୪(ସ୍ୱ.ପ୍ର.)**– ଟୋକନ ବାତିଲ ପ୍ରତିବାଦରେ ବାଲିକୁଦା ବ୍ଲକ ଶୋଭା ସେବା ସମବାୟ ସମିତିର ୩୧ ଜଣ ଚାଷୀ ଗୁରୁବାର ଆନ୍ଦୋଳନ କରିଥିଲେ। ଶୁକ୍ରବାର ଏ ନେଇ ବ୍ଲକ ପ୍ରଶାସନ ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଟୋକନ ପାଇଁ ମିଳୁଥିବା ଅବଧି ସମୟ ମାସେ ରହିଛି। ଏହି ସମୟ ଶେଷ ହୋଇଯାଇଛି। ଏଥିସହ ସରକାରଙ୍କ ପକ୍ଷରୁ ଧାନ କିଣା ବନ୍ଦ କରାଯାଇଛି। ଫଳରେ ଚାଷୀମାନଙ୍କ ଧାନ ଆଉ କିଣାଯାଇ ପାରିବ ନାହିଁ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଧାନ ବିକ୍ରି କରି ପାରି ନ ଥିବା ଚାଷୀଙ୍କ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଏହାପରେ ଚାଲିଥିବା ବିବାଦର ସମାଧାନ ହୋଇଛି। ଚାଷୀଙ୍କ ପକ୍ଷରୁ ପୂର୍ବତନ ସମିତିସଭ୍ୟ କାଳନ୍ଦୀ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ଜିଲା କଂଗ୍ରେସ ଓବିସି ସେଲ ଉପାଧ୍ୟକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ, ଏବିଡିଓ ସଞ୍ଜୟ ଦାସ, ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା, ଏଆରସିଏସ୍ ସୁଭଦ୍ରା ପଟ୍ଟନାୟକ, ଏସିଏସ୍‌ଓ ପ୍ରଫୁଲ୍ଲ ବେହେରା, ମଧୁସ୍ମିତା ମହାପାତ୍ର, ଏସଆରସିଏସ୍ ଶିବପ୍ରସାଦ ମହାନ୍ତି, ବାଲିକୁଦା ଯୋଗାଣ ନିରୀକ୍ଷକ ଅରୁଣା ସ୍ୱାଇଁ, ସମବାୟ ସମିତି ଏରିଆ ଅଫିସର ହେମନ୍ତ ସ୍ୱାଇଁ, ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ମଣ୍ଡିରେ ଧାନ ବିକ୍ରି କରି ପାରି ନ ଥିବା ଚାଷୀମାନେ ଗୁରୁବାର ଧାନବସ୍ତା ରଖି ସମିତି କାର୍ଯ୍ୟାଳୟ ସମ୍ମୁଖ ତିହୁଡ଼ି-ନହରଣା ରାସ୍ତାକୁ ଅବରୋଧ କରିଥିଲେ।

# ୨ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ

**ଜଗତ୍‌ସିଂହପୁର ଅଫିସ, ୯।୪**

### ଜଗତ୍‌ସିଂହପୁରରେ ବୋମାକମାଡ଼ ମାମଲା
- ବାଇକ୍, ମୋବାଇଲ ଜବତ
- ଏସ୍‌ଡିପିଓଙ୍କ ଖବରଦାତା ସମ୍ମିଳନୀ

ଜଗତ୍‌ସିଂହପୁର ସହରର ଖେରସସ୍ଥିତ ଏକ କୁକୁଡ଼ା ଦାନା ଦୋକାନ ଓ ପାକନପୁରସ୍ଥିତ ହାଚେରିରେ ଗତ ୭ ତାରିଖରେ ବୋମା ମାଡ଼ ହୋଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିଲେ। ଦୋକାନ ଓ ହାଚେରି ମାଲିକ ତଥା ବାଇଜଙ୍ଗା ଦୋନ୍ଦର ବିଶ୍ୱଜିତ ପୋଥାଳଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ଥାନା ପୋଲିସ ମାମଲା (ନଂ.୧୮୪/୨୧)ରୁଜୁ କରି ତଦନ୍ତ ଚଳାଇ ଥିଲା। ଗୁରୁବାର ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିଲା। ଶୁକ୍ରବାର ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ପାଣିଶାଳିଆର ଦିଗଦର୍ଶନ ବଳ (କାଳିଆ), ସଂଗ୍ରାମ ବିଶ୍ୱାଳ ଓରଫ ପପୁଆ। ଉଭୟଙ୍କଠାରୁ ପୋଲିସ ଏକ ବାଇକ୍ ଓ ମୋବାଇଲ ଜବତ କରିଛି। ଏହି ମାମଲାରେ ଅନ୍ୟ ୪ ଜଣଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରାଯାଇ ପାରିନାହିଁ।

ଏନେଇ ଜଗତ୍‌ସିଂହପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୭ ତାରିଖରେ ଜଗତ୍‌ସିଂହପୁର ଜିଲାରେ ମଦ ଦୋକାନ ପାଇଁ ଲଟେରି ମାଧ୍ୟମରେ ଟେଣ୍ଡର ହୋଇଥିଲା। ଏହି ନିଲାମ ଦୌଡ଼ରେ କାଳିଆ ଭାଗ ନେଇଥିଲେ। କିନ୍ତୁ ଲଟେରି ତାଙ୍କ ସପକ୍ଷରେ ଯାଇ ନ ଥିଲା। ବାଲିକୁଦା ବାଲିସାହି ବିଦେଶୀ ମଦ ଦୋକାନ ପାଇଁ ବିଶ୍ୱଜିତ୍‌ଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କ ନାମରେ ଲଟେରି ଉଠିଥିଲା। ଏ ନେଇ ମଦ ଦୋକାନରେ ଅଂଶୀଦାର କରିବାକୁ କାଳିଆ ବିଶ୍ୱଜିତ୍‌ଙ୍କୁ ଧମକ ଦେଇଥିଲେ। ଏଥିସହ ବୁଧବାର ରାତିରେ ବିଶ୍ୱଜିତ୍‌ଙ୍କ କୁକୁଡ଼ା ଦାନା ଦୋକାନ ଓ ହାଚେରିରେ ବୋମାମାଡ଼ କରିଥିଲେ ବୋଲି ଏସ୍‌ଡିପିଓ ଶତପଥୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଓ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଏସଡିପିଓ, ଆଇଆଇସି ଓ ଗିରଫ ଦୁଇ ଅଭିଯୁକ୍ତ।

# ଜମି ମାଫିଆଙ୍କ କବ୍‌ଜାରେ ବ୍ଲକ ଅଫିସ ପରିସର

**ଡେରାବିଶ, ୯।୪(ସ୍ୱ.ପ୍ର.)**

### ମାପଚୁପ ପାଇଁ ତହସିଲଦାରଙ୍କୁ ଚିଠି ଲେଖିଲେ ବିଡିଓ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଫିସ ପରିସର ଜମି ମାଫିଆଙ୍କ କବ୍‌ଜାକୁ ଚାଲିଯାଇଛି। ପ୍ରାୟ ୧ ଏକର ଜମିକୁ ମାଫିଆମାନେ ନିଜ ନାମରେ ରେକର୍ଡ କରି ନେଇଛନ୍ତି। ଏହା ପରେ ବି ପ୍ରଶାସନ ଅବଶିଷ୍ଟ ଜମିକୁ ମାପଚୁପ କରି ପାଚେରି ନିର୍ମାଣ କରୁନାହିଁ। ଏ ନେଇ ବାରମ୍ବାର ଅଭିଯୋଗ ପରେ ବିଡିଓ ବ୍ଲକ ପରିସରର ମାପଚୁପ ପାଇଁ ୨୦୨୦ ନଭେମ୍ବରରେ ଡେରାବିଶ ତହସିଲଦାରଙ୍କୁ ଚିଠି ଲେଖି ଚୁପ୍ ହୋଇ ବସିଛନ୍ତି।

ଡେରାବିଶ ବ୍ଲକ ଗୁଆଲସିଂହ ମୌଜାରେ ଥିବା ୮ ଏକର ୨୧ ଡେସିମିଲ ସରକାରୀ ଜମି ଉପରେ ଗଢି ଉଠିଥିଲା। ପରେ ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ସମସ୍ତ ଜମି ବ୍ଲକ ନାମରେ ରେକର୍ଡଭୁକ୍ତ ହୋଇପାରିଲା ନାହିଁ। ମାର୍ଜାପାଟଣା ଗାଁକୁ ୧୩ ଡେସିମିଲ ରାସ୍ତା ଓ ଜିଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ୨ ଏକର ୭୫ ଡେସିମିଲ ଜମି ସମେତ ମୋଟ ୭ ଏକର ୨୧ ଡେସିମିଲ ବ୍ଲକ ନାମରେ ରେକର୍ଡଭୁକ୍ତ ହୋଇଛି। ଅବଶିଷ୍ଟ ୧ ଏକର ଜମି ମାଫିଆ ଜବରଦଖଲ କରି



ଡେରାବିଶ ବ୍ଲକ ପଛ ପାର୍ଶ୍ୱରେ ପାଚେରି ନାହିଁ।

ନିଜ ନାମରେ ରେକର୍ଡ କରିନେଇଛନ୍ତି। ଏହା ଜଣାପଡିବା ପରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପୁରୁଷୋତ୍ତମ ନାୟକ ଉକ୍ତ ଜମିକୁ ଫେରାଇ ଆଣି ପଦକ୍ଷେପ ନେବାକୁ ଦାବି କରି ଆମରଣ ଅନଶନ ଧମକ ଦେଇଥିଲେ। ଅନ୍ୟପକ୍ଷରେ ତତ୍କାଳୀନ ସ୍ଥାନୀୟ ସମିତିସଭ୍ୟ ସ୍ୱର୍ଗତ ସଞ୍ଜୟ କୁମାର ପାତ୍ର ଏହି ଜମି ଉଦ୍ଧାର ପାଇଁ ଦାବି କରି ବ୍ଲକ ଆଗରେ ଆମରଣ ଅନଶନ କରିଥିଲେ। ଫଳରେ ତତ୍କାଳୀନ ଜିଲାପାଳ ଏ ନେଇ ବିଡିଓ ଓ ତହସିଲଦାରଙ୍କୁ ମିଳିତ ଭାବେ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ଆବଶ୍ୟକ ହେଲେ କୋର୍ଟରେ ମକଦ୍ଦମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମକଦ୍ଦମା ପାଇଁ ପଦକ୍ଷେପ ନିଆଯାଉଛି କହି ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଶାସନ କିଛିଦିନ ଭୂଲେଇ ଚାଲିଥିଲା। ଏହା ଭିତରେ ଆନ୍ଦୋଳନକୁ ଓହ୍ଲାଇଥିବା ସମିତିସଭ୍ୟଙ୍କ ମୃତ୍ୟୁ ହୋଇଯିବାରୁ ସବୁ କିଛି ବନ୍ଦ ରହିଗଲା। ମାଫିଆ ଉକ୍ତ ଜମିକୁ ଅନ୍ୟତ୍ର ହସ୍ତାନ୍ତର ପରେ ବି କେହି ଦଖଲ ନେବା ସମ୍ଭବ ହୋଇପାରି ନ ଥିଲା। ଶେଷରେ ଜଣେ ବିଲଡରଙ୍କ ହାତକୁ ଜମି ଯିବା ପରେ ସେ ପ୍ଲଟିଂ କରି ବିକ୍ରି କରିଦେଲେ। ଏହି ଘଟଣାକୁ ଇତିମଧ୍ୟରେ ପ୍ରାୟ ୧୦ ବର୍ଷ ବିତିଲାଣି। କିନ୍ତୁ ବ୍ଲକ ପ୍ରଶାସନ ଉକ୍ତ ଜମିର ପୁନରୁଦ୍ଧାର ପାଇଁ କିଛି କଲେନାହିଁ। ଅବଶିଷ୍ଟ ଜମିର ସୁରକ୍ଷା ପାଇଁ ସୀମା ନିର୍ଦ୍ଧାରଣ କରି ପାଚେରି ନିର୍ମାଣ କରିବାକୁ ବି କୌଣସି ପଦକ୍ଷେପ ନେଉନାହାନ୍ତି। ଜମିରେ କ୍ରେତାମାନେ ଚଳାଇଥିବା ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ବାଲି, ଗୋଡ଼ି, ଇଟା ଆଦି ଗଦେଇବାକୁ ପରିସରକୁ ଛାଡି ଦେଇଛନ୍ତି। ସେହିପରି ବ୍ଲକ ପରିସର ସଂଲଗ୍ନ ଷୋଳପୁଅ ମା' ଠାକୁରାଣୀଙ୍କର ଥିବା ଜମିକୁ ଏକ ପରିବାର ନେଇ ସେଥିରେ ଗୃହ ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ସେହି ପରିବାରକୁ ବ୍ଲକ ପ୍ରଶାସନ ଅଫିସ ପରିସରରେ ରାସ୍ତା ଯୋଗାଇ ଦେଇଛନ୍ତି। ପ୍ରଶାସନ ପଛପାର୍ଶ୍ୱରେ ପାଚେରି ନିର୍ମାଣ ନ କରି କାହା ସ୍ୱାର୍ଥରେ ଛାଡି ଦେଇଛନ୍ତି ତା'ର ରହସ୍ୟ ଉନ୍ମୋଚନ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରେ ବ୍ଲକ ପରିସରର ସୀମା ନିର୍ଦ୍ଧାରଣ ପାଇଁ ସେ ତହସିଲଦାରଙ୍କୁ ଚିଠି ଯୋଗେ ଜଣାଇଛନ୍ତି। ତହସିଲଦାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ସୀମା ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି।

## ମା'ନେଙ୍କୁରଶୁଣୀଙ୍କ ପୀଠରେ ବାରୁଣୀ ଯାତ୍ରା

ପାଣିକୋଇଲି,(ଡି.ଏନ.ଏ.)-ପାଣିକୋଇଲି-ରଗଡି ରାସ୍ତା ପାର୍ଶ୍ୱ ପତରପଦାସ୍ଥିତ ମା'ନେଙ୍କୁରଶୁଣୀଙ୍କ ପୀଠରେ ଶୁକ୍ରବାର ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା'ଙ୍କ ପୂଜାର୍ଚ୍ଚନା ଓ ଯଜ୍ଞ ଯଥାବିଧି ପାଳନ କରାଯାଇଛି । କୋଭିଡ୍ କଟକଣା ମଧ୍ୟରେ ଯଜ୍ଞ ସମାପନ କରାଯାଇଛି । ଏଥିସହିତ ମା'ଙ୍କ ମନ୍ଦିର ମୁଖଶାଳା ପ୍ରତିଷ୍ଠା ହୋଇଛି । ଚଳିତ ବର୍ଷ ଅଳ୍ପ ସଂଖ୍ୟକ ଭକ୍ତ ଯୋଗଦେଇ ବିଭୁକୃପା ଲାଭ କରିଛନ୍ତି । ସ୍ଥାନୀୟ ଗ୍ରାମବାସୀ ଓ ଲକ୍ଷ୍ମୀବିହାରର ଯୁବକମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଦୁଇ ସଡ଼କ ଦୁର୍ଘଟଣା, ୨ ମୃତ

**ଯାଜପୁର ସଦର,୯।୪(ଡି.ଏନ.ଏ.):** କୋରେଇ ଥାନା ଅଧୀନ ଆଲଡା ଗ୍ରାମର କହ୍ନେଇ ମଲ୍ଲିକ ବାଇକ୍‌ରେ ସ୍ତ୍ରୀ ଯଶୋଦା ଓ ପୁଅ ନଟବରଙ୍କୁ ବସାଇ ବରୀରେ ଥିବା ଝିଅ ଘରକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ମଟନ୍ ଛକରେ ସେମାନଙ୍କୁ ଏକ ହାଇୱା ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଯଶୋଦା(୪୫)ଙ୍କ ମୃତ୍ୟୁ ଘଟିଥିଲା । କହ୍ନେଇ ଓ ପୁଅ ନଟବର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି । ସେହିପରି ସଦରଥାନା ଅନ୍ତର୍ଗତ ରୁଦ୍ରପୁର ପଞ୍ଚାୟତ ବଡବାଗସାହି ଗ୍ରାମର ସନ୍ତୋଷ ବେହେରା(୩୪) ମୋଟର ସାଇକେଲ୍‌ରେ ବରୁଆଁରୁ ବ୍ରହ୍ମବରଦା ଯାଉଥିବା ବେଳେ ଝାଲପଡା ଛକ ନିକଟରେ ଏକ ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି । ପୋଲିସ ମୃତଦେହ ଜବତ୍ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଗଛରେ ପିଟିହେଲା ବାଇକ, ଜଣେ ମୃତ

**ରସୁଲପୁର,୯।୪(ଡି.ଏନ.ଏ.):** ଯାଜପୁର ସଦର ଥାନା ଅଧୀନ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ଶଙ୍ଖମଠ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଏକ ସଡ଼କ ଦୁର୍ଘଟଣାରେ ଯାଜପୁର ବ୍ଲକ ଅଧୀନ ରୁଦ୍ରପୁର ପଞ୍ଚାୟତ ବଡବାଗସାହି ଗ୍ରାମର ସନ୍ତୋଷ ବେହେରା (୩୨)ଙ୍କ ମୃତ୍ୟୁ ଘଟିଛି । ତାଙ୍କ ପଡୋଶୀ ପବନ ବେହେରା (୩୮) ଆହତ ହୋଇଛନ୍ତି । ଉଭୟ ବରୁଆଁରୁ ଏକ ବାଇକ୍(ନଂ.ଓଆର-୦୪-ପି-୪୭୮୯)ରେ ଘରକୁ ଫେରୁଥିଲେ । ଗାଡ଼ିଟି ଟିକିବରଗଛ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିବା ବେଳେ ପବନ ଗୁରୁତର ହୋଇଥିଲେ ।

### ୧୨ ବସ୍ତା କାଠ କୋଇଲା ଜବତ

**ଚଣ୍ଡିଖୋଲ,୯।୪(ଡି.ଏନ.ଏ):** ବୈରୀ-ଡ଼ାଳିଯୋଡ଼ା ରେଞ୍ଜ ଅଧୀନ ଚଣ୍ଡିଖୋଲ ବନ ବିଭାଗ ତରଫରୁ ଗୁରୁବାର ଚଢାଉ କରାଯାଇ ଏକ ଡାଲାଅଟୋରେ ଆସୁଥିବା ୧୨ବସ୍ତା କାଠ କୋଇଲା ଜବତ ହୋଇଛି। ଢେଙ୍କାନାଳ ଅଞ୍ଚଳରୁ ଆସୁଥିବା ଏହି ଅଟୋ(ନଂ.ଓଡ଼ି୦୪ଏମ୧୯୩)ରେ ଥିବା କାଠ କୋଇଲା ଧର୍ମଶାଳା ଅଧୀନ କୁଣ୍ଡପାଟଣାକୁ ଯାଉଥିଲା। ଖବର ପାଇ ବନପାଳ ଶଶିଭୂଷଣ ବେହେରା, ବନପାଳ ଲକ୍ଷ୍ମୀଧର ନାୟକ ଓ ବନରକ୍ଷୀ ଈପ୍ସିତାରାୟ ନାୟକ ପ୍ରମୁଖ ବଡ଼ଚଣା ଥାନା ଅଧୀନ ଖଟୁଆପଡ଼ା ନିକଟରୁ ଗାଡ଼ିକୁ ଜବତ କରି ଚଣ୍ଡିଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଚାଳକ କୌଶଳ କ୍ରମେ ଫେରାର ହୋଇଯାଇଥିଲେ।

### ଜଳଛତ୍ର ଉଦ୍‌ଘାଟିତ

**ଧର୍ମଶାଳା,୯।୪(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ପକ୍ଷରୁ ମେଲଣ ପଡିଆ ନିକଟରେ ଏକ ଜଳଛତ୍ର ଶୁକ୍ରବାର ଉଦଘାଟିତ ହୋଇଛି । ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଜଳଛତ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ସରପଞ୍ଚ କବିତା ବେହେରା, ରେଣୁବାଳା ଶତପଥୀ, ପୁଷ୍ପଲତା ବାରିକ, କେଶରୀ ଜେନା, ଯୁବନେତା ଗୌତମ ସାହୁ, ଆଇନଜୀବୀ ସନ୍ତୋଷ ତରେଇ, ସମିତି ସଭ୍ୟ ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା

**ବରୀ,୯। ୪ (ଡି.ଏନ.ଏ.):** ବରୀ ବିଧାୟିକା ସୁନନ୍ଦା ଦାସ ଶୁକ୍ରବାର ବରୀରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । କଳାମାଟିଆ ଶହୀଦ ପୀଠରେ ପାଚେରି ନିର୍ମାଣ, ବ୍ରାହ୍ମଣୀ ବାମ ପାର୍ଶ୍ୱରେ ଚାଲିଥିବା କାକୁଡିକୁଦ-ଅଟିରା ନଦୀ ବନ୍ଧ ପ୍ରଶସ୍ତୀକରଣ କାମ ଓ ରମାଦେବୀ ସ୍କୁଲ ପଡିଆରେ ହେବାକୁ ଥିବା ହାଟ ସଂକ୍ରାନ୍ତରେ ସେ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ କ୍ଷେତ୍ର ବୁଲି ଦେଖିଥିଲେ। ଏହି ସ୍ଥାନରେ ଥିବା ଏ୧.୭୬ ସରକାରୀ ଜମି ଉପରେ କିଭଳି ହାଟ ପାଚେରୀ, ଶୌଚାଳୟ, ଆଲୋକୀକରଣ ବ୍ୟବସ୍ଥା, ସ୍ଥାୟୀ ଦୋକାନ, ଗୋଦାମ ଗୃହ ନିର୍ମାଣ ହୋଇପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଯାଜପୁରର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରମେଶ ସ୍ୱାଇଁ, ଅତିରିକ୍ତ ତହସିଲଦାର ଭାନୁମତି ମାଝି, ରାଜସ୍ୱ ନିରୀକ୍ଷକ ଧନେଶ୍ୱର ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ବିଧାୟିକାଙ୍କ ସହିତ ଉପସ୍ଥିତ ଥିଲେ।

# ପୋଲିସ ଅବହେଳାରୁ ବୋମାମାଡ଼

**ସର୍ବେଶ୍ୱରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା**
■ କଳାପଥର ଲୁଟ୍ ପର୍ଦ୍ଦାଫାଶ୍ ପ୍ରମୁଖ କାରଣ

**ଯାଜପୁର ଅଫିସ,୯।୪**

ଯାଜପୁର ଜିଲା ଧର୍ମଶାଳା ପୋଲିସ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ବୋମାମାଡ଼ ଘଟଣାରେ ଗୁରୁବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ପରେ ବିଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ଜେନାପୁର ଥାନା ପୋଲିସ ଧର୍ମଶାଳା ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ କଳାପଥର ଲୁଟ୍ ଅଭିଯୁକ୍ତମାନଙ୍କ ବିରୋଧରେ ଉପଯୁକ୍ତ ସମୟରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ହୁଏତ ବୋମାମାଡ଼ ହୋଇ ନ ଥାନ୍ତା ବୋଲି ମତପ୍ରକାଶ ପାଇଛି। ଗିରଫ ୩ ଅଭିଯୁକ୍ତ ଶିବାନୀ ବେହେରା, ଶମ୍ଭୁନାଥ ନାୟକ ଓ କାଳିଆ ଦାସଙ୍କ ସହ ଡଙ୍କାରୀରୁ କଳାପଥର ଲୁଟ୍ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ ସୁସମ୍ପର୍କ ଥିବା ଜଣାପଡ଼ିଛି। ଏହି ବୋମାମାଡ଼ ସମ୍ପର୍କରେ ପୋଲିସ ଚଣ୍ଡିଖୋଲ କୋର୍ଟଙ୍କୁ ଲିଖିତ ଜଣାଇବା ପରେ ଜେନାପୁର ପୋଲିସର ପୃଷ୍ଠପୋଷକତାରେ କଳାପଥର ଲୁଟ୍ ହେଉଥିଲା ବୋଲି ସ୍ପଷ୍ଟ ବୁଝାପଡ଼ିଛି।

ଡଙ୍କାରୀରେ କଳାପଥର ଲୁଟ୍ ସମ୍ପର୍କରେ ସର୍ବେଶ୍ୱର ବେହୁରାଙ୍କ ଅଭିଯୋଗ ଆଧାରରେ ତହସିଲଦାରଙ୍କ ନିର୍ଦ୍ଦେଶରେ ଡଙ୍କାରୀ ଆରଆଇ ମନୋଜ କୁମାର ସାମଲ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହାପରେ ଧର୍ମଶାଳା ତହସିଲଦାର ୨୦୨୦ ଡିସେମ୍ବର ୨୧ରେ ଜେନାପୁର ଥାନା ଅଧିକାରୀଙ୍କୁ ଡଙ୍କାରୀ ଆରଆଇଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାର ୨୧ ଦିନ ବିଳମ୍ବରେ ଆଇପିସି ଦଫା ୩୭୯/୩୪ ଏବଂ ଖଣି ଓ ଖଣିଜ ଆଇନର ଦଫା ୧୧ ଅନୁସାରେ ଏକ ମାମଲା (ନଂ. ୧୪/୨୦୨୧) ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ୩ ମାସ ଅତିକ୍ରାନ୍ତ ହୋଇଥିବାବେଳେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରିନାହିଁ।

ଅନ୍ୟପକ୍ଷେ ପୋଲିସ କହିବା ଅନୁସାରେ ବୋମାମାଡ଼ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଛନ୍ତି ଜଣେ କଳାପଥର ଲୁଟ୍ ଅଭିଯୁକ୍ତ। ସେ ଅଭିଯୁକ୍ତ ଶମ୍ଭୁନାଥ ନାୟକଙ୍କୁ ସୁପାରି ଦେଇଥିଲେ। ଶମ୍ଭୁନାଥ ପୋଲିସକୁ ଦେଇଥିବା ବୟାନରେ ଏହା ସ୍ୱୀକାର କରିଛନ୍ତି। ତେବେ ଧର୍ମଶାଳା ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିବା ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପଛରେ କି ରହସ୍ୟ ରହିଛି ତାହା ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ ଅଭିଯୁକ୍ତମାନଙ୍କୁ ଯଦି ଗିରଫ କରାଯାଇଥାନ୍ତା ତେବେ ବୋମାମାଡ ଭଳି ଘଟଣାରେ ସରକାର ନିନ୍ଦିତ ହୋଇ ନ ଥାନ୍ତେ। ତେଣୁ ସର୍ବେଶ୍ୱରଙ୍କ ଉପରେ ଆକ୍ରମଣ ପଛରେ ପୋଲିସର ପରୋକ୍ଷ ହାତ ରହିଥିବା ଆଲୋଚନା ହେଉଛି।

## ବିରଜା କ୍ଷେତ୍ର ଜ୍ଞାନମାଳା ପୁସ୍ତକ ଲୋକାର୍ପିତ



ବିରଜା କ୍ଷେତ୍ର ଜ୍ଞାନମାଳା ପୁସ୍ତକଙ୍କୁ ଉପଜିଲାପାଳ ଲୋକର୍ପିତ କରୁଛନ୍ତି ।

**ଯାଜପୁର ଅଫିସ,୯।୪**

ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଦ୍ୱାରା ଲିଖିତ ଓ ସଂଯୋଜିତ କୁଇଜ୍ ପୁସ୍ତକ ବିରଜା କ୍ଷେତ୍ର ଜ୍ଞାନମାଳା ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ବିରଜା ସଂସ୍କୃତି ପ୍ରଚାର ସମିତି, ଯାଜପୁର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର

**ରାଉତରାପୁର ଉପନିର୍ବାଚନ**
■ ବିଜେଡି ସମର୍ଥିତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

**ରସୁଲପୁର,୯।୪(ଡି.ଏନ.ଏ.)**



ସ୍ୱାଧୀନ ପ୍ରାର୍ଥୀ ଅନାମିକା ମଲିକ ନାମାଙ୍କନପତ୍ର ପ୍ରତ୍ୟାହାର କରୁଛନ୍ତି ।

ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ଉପ ନିର୍ବାଚନ ପ୍ରକ୍ରିୟା ଚାଲିଛି । ଶୁକ୍ରବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣାର ଶେଷ ତାରିଖ । ହେଲେ ସ୍ୱାଧୀନ ପ୍ରାର୍ଥୀ ଅନାମିକା ମଲିକ ନିଜ ନାମାଙ୍କପତ୍ର ପ୍ରତ୍ୟାହାର କରି ନେବା ପରେ ଏହି ନିର୍ବାଚନ ଭିନ୍ନ ମୋଡ଼ ନେଇଛି । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ କେବଳ ବିଜେଡି ସମର୍ଥିତ ମମତା ମଲିକ ରହିଛନ୍ତି। ନିର୍ବାଚନ ମଇଦାନରେ ସେ ଏକମାତ୍ର ପ୍ରାର୍ଥୀ ଥିବାରୁ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଭୋଟ ଗ୍ରହଣ ବନ୍ଦ ରହିବା ନିଶ୍ଚିତ ହୋଇଯାଇଛି। ଅନ୍ୟପକ୍ଷେ ମମତା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସରପଞ୍ଚ ପଦବୀରେ ବସିବା ସ୍ପଷ୍ଟ ହୋଇଛି। ଏଥିପାଇଁ ଆସନ୍ତା ୨୯ରେ ଫଳାଫଳ ଘୋଷଣାକୁ ଅପେକ୍ଷା କରାଯାଇଛି । ସେଦିନ ମମତା ନାଏବ ସରପଞ୍ଚ କୈଳାସ ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବାର ସମ୍ଭାବନା ଅଛି। ୨୦୨୨ ମାର୍ଚ୍ଚରେ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିମାନଙ୍କ କାର୍ଯ୍ୟକାଳ ଶେଷ ହେବ । ସେଥିପାଇଁ ୧୧ମାସ ପାଇଁ ମମତା ସରପଞ୍ଚ ଦାୟିତ୍ୱ ତୁଲାଇବେ ।

ସୂଚନାଯୋଗ୍ୟ, ୨୦୨୦ ଏପ୍ରିଲରୁ ଏହି ସରପଞ୍ଚ ପଦବୀ ଖାଲି ପଡିଥିଲା। ସେହି ପଦବୀ ପୂରଣ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଚ୍ଚ ୨୨ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏପ୍ରିଲ ୫ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିଲା । ସେଦିନ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କପତ୍ର ଦାଖଲ କରିଥିଲେ । ଏପ୍ରିଲ ୬ ତାରିଖ ଯାଞ୍ଚ ପ୍ରକ୍ରିୟାରେ ଭାଜପା ପ୍ରାର୍ଥୀ ସୁଜାତା ମଲିକଙ୍କ ନାମାଙ୍କପତ୍ର ନାକଚ ହୋଇଯାଇଥିଲା । ନିର୍ବାଚନ ମଇଦାନରେ ୨ ପ୍ରାର୍ଥୀ ରହିଥିଲେ । ସ୍ୱାଧୀନ ପ୍ରାର୍ଥୀ ଅନାମିକା ବିଜେଡି ସମର୍ଥିତ ଡମି ପ୍ରାର୍ଥୀ ଥିଲେ । ଦଳୀୟ ପ୍ରାର୍ଥୀଙ୍କୁ ମାଛ ଚିହ୍ନ ଦେବା ପାଇଁ ଏଭଳି ପ୍ରୟାସ କରାଯାଇଥିଲା । ତେବେ ବିରୋଧୀ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହେବା ପରେ ଅନାମିକାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ଏହି ପ୍ରରିପେକ୍ଷୀରେ ଯୁବନେତା ପ୍ରଭାତ ପୃଷ୍ଟି ଓ ତାଙ୍କ ସମର୍ଥକଙ୍କ ଗହଣରେ ଅନାମିକା ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚ ଥିଲେ । ଏଥିପାଇଁ ଆବଶ୍ୟକ ଫର୍ମ ପୂରଣ କରି ନିର୍ବାଚନ ଅଧିକାରୀ ତଥା ରସୁଲପୁର ବିଡିଓ ଉମାକାନ୍ତ ପରିଡା ଓ ଭାରପ୍ରାପ୍ତ ଜିପିଓ ପ୍ରଫୁଲ୍ଲ ଜେନାଙ୍କୁ ପ୍ରଦାନ କରିଥିଲେ । ପ୍ରତ୍ୟାହାର ପର୍ବ ଶେଷ ହେବା କ୍ଷଣି ବିଜେଡି କର୍ମୀଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ୧୦ତାରିଖ ଦିନ ରାଉତରାପୁର ପଞ୍ଚାୟତ ବିଜେଡି ପକ୍ଷରୁ ବିଜୟ ଉତ୍ସବ ପାଳନ ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।

## ଜଳଖିଆ ଦୋକାନରେ ଚଢ଼ଉ

**ଧର୍ମଶାଳା,୯ ।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ଓ ଶାନ୍ତି ବଜାରର ବିଭିନ୍ନ ଜଳଖିଆ ଦୋକାନରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢଉ କରାଯାଇ ୬୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏଥିସହିତ ୪୦ କେଜି ବାସିଖାଦ୍ୟକୁ ନଷ୍ଟ କରାଯାଇଛି । ପୂର୍ବାହ୍ନ ୯ଟାରେ ଏକ ଟିମ୍ ଜାରକା ବସଷ୍ଟାଣ୍ଡ ନିକଟରେ ଥିବା ଏକ ଜଳଖିଆ ଦୋକାନ ଉପରେ ଚଢାଉ କରିଥିଲା। ମେଶିନ ସହାୟତାରେ ଖାଦ୍ୟର ମାନ ଓ ଦୋକାନର ପରିବେଶ ଯାଞ୍ଚ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଏହି ଚଢାଉରେ ସାମିଲ ହୋଇଥିଲେ। ଚଢାଉ ସମୟରେ ବହୁ ଦୋକାନୀ ନିଜ ଦୋକାନ ବନ୍ଦ କରି ଖସିଯାଇଥିବା ଦେଖିବାକୁ ମିଳିଥିଲା।

## ଖଣି ପ୍ରଭାବିତ ଟ୍ରକ୍ ମାଲିକ ସଂଘର କାର୍ଯ୍ୟକାରୀ କମିଟି ଗଠିତ

**ପରିବହନ ସଂସ୍ଥାଙ୍କ ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି**

**କାଳିଆପାଣି,୯।୪(ଡି.ଏନ.ଏ.)**

କାଳିଆପାଣି ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘର କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । ଟ୍ରକ ମାଲିକ ସଂଘର ସଭାପତି କୀର୍ତ୍ତିବାସ ଭଞ୍ଜ,ସମ୍ପାଦକ ରବୀନ୍ଦ୍ର କୁମାର ଭଞ୍ଜଙ୍କ ଇସ୍ତଫା ପରେ ସଂଘ କିଛିଦିନ ପାଇଁ ଅଚଳ ଅବସ୍ଥାକୁ ଆସିଯାଇଥିଲା। ଏହାର ସୁଯୋଗ ନେଇ ପରିବହନ ସଂସ୍ଥା ଭଡ଼ା ଠିକ ସମୟରେ ନ ଦେଇ ଟ୍ରକ ମାଲିକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଆସୁଥିଲା । ଏହାସହ ବିଭିନ୍ନ ଆଳ ଦେଖାଇ ନିର୍ଦ୍ଧାରିତ ଭଡ଼ାରୁ ୨୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ କାଟି ଦିଆଯାଉଥିଲା । ଏ ସଂକ୍ରାନ୍ତରେ ପରିବହନ ସଂସ୍ଥା ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଏନେଇ ଖଣି ପ୍ରଭାବିତ ମାଲିକମାନେ ଶୁଭ୍ରାଂଶୁ ସାମଲଙ୍କ ଆବାହକତ୍ୱରେ ବୁଧବାର ସଂଘ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଏଥିରେ ଶୁଭ୍ରାଂଶୁ ସାମଲ, ବୈକୁଣ୍ଠ ମହାନ୍ତ, ଆଶିଷ ଜେନା, ବୁବୁଲି ମହାନ୍ତ, ମାନସ ଭଞ୍ଜ, ଶାନ୍ତନୁ ସାମଲ ,ଧନେଶ୍ୱର ମହାନ୍ତ ପ୍ରମୁଖଙ୍କ କର୍ମକର୍ତ୍ତା ଭାବେ ମନୋନୀତ ହୋଇଥିଲେ । କମିଟି ଆଗାମୀ ଦିନରେ ଟ୍ରକ ମାଲିକଙ୍କ ସମସ୍ୟା ବୁଝିବ । ପରିବହନ ସଂସ୍ଥା ଭଡ଼ା ପ୍ରଦାନରେ ଖିଲାପ ଓ ଟାଳଟୁଳ ନୀତି ଅବଲମ୍ବନ କଲେ କମିଟି ତାକୁ ବିରୋଧ କରିବ । ଆବଶ୍ୟକ ପଡ଼ିଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶୁଭ୍ରାଂଶୁ କହିଛନ୍ତି ।

## କରୋନା ପାଇଁ ସତର୍କ ରହିବାକୁ ପରାମର୍ଶ

**ଜେନାପୁର,୯।୪(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ବଳରାମପୁର ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କଲେଜର ଜାତୀୟ ସେବା ଯୋଜନା ଓ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା କବିତା ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଅଧାପକ ସୁଦାମ ଚରଣ ଧଳ, ପ୍ରସନ୍ନ କୁମାର ସ୍ୱାଇଁ, ଗଗନ ବିହାରୀ ମିଶ୍ର, ମନୋରଞ୍ଜନ ସ୍ୱାଇଁ, ଅଧ୍ୟାପିକା ଜ୍ୟୋତିମୟୀ ଦାଶ, ଡାକ୍ତର ଶୁଭ୍ରାଂଶୁ ଶେଖର ପଣ୍ଡା, ଡାକ୍ତର ମିତାଲି ମଧୁଛନ୍ଦା ସେନାପତି, ବିଶ୍ୱଜିତା ସାହୁ ପ୍ରମୁଖ ଯୋଗଦେଇ କରୋନା ମୁକାବିଲା ପାଇଁ ସତର୍କ ରହିବାକୁ କହିଥିଲେ । ସମସ୍ତେ ମାସ୍କ ପିନ୍ଧିବା ସହିତ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ବାରମ୍ବାର ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅସିତ କୁମାର ଭଞ୍ଜ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ବହୁ ଗୋରୁ ବଜବଜିଆରେ ଆକ୍ରାନ୍ତ

**ଧର୍ମଶାଳା,୯।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ଇମାମନଗର ଓ ରଘୁନାଥପୁର ଶାସନ ଗ୍ରାମର ଅଧିକାଂଶ ଗୋରୁ ବଜବଜିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଅସୁସ୍ଥ ଗୋରୁ ଗୁହାଳରେ ପଡିରହିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ପ୍ରାଣୀଧନ ଚିକିତ୍ସକଙ୍କୁ ଅବଗତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚିକିତ୍ସା ଆରମ୍ଭ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବ୍ଲକର ମୁଖ୍ୟ ପ୍ରାଣୀଧନ ଡାକ୍ତରଖାନା ଜାରକା ଛକରେ ରହିଛି। ସେଠାରୁ ମାତ୍ର ୫ କିଲୋମିଟର ବ୍ୟବଧାନରେ ଥିବା ଗ୍ରାମରେ ଗୋରୁମାନେ ବଜବଜିଆ ରୋଗରେ ଅସୁସ୍ଥ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଆଶୁ ପଦକ୍ଷେପ ନିଆଯାଉନାହିଁ।

# ମାମଲା ରୁଜୁକରି ପୋଲିସ ଚୁପ୍

**ନ୍ୟାୟ ଅପେକ୍ଷାରେ ପୀଡ଼ିତା**

**ପାଣିକୋଇଲି,୯।୪(ଡି.ଏନ.ଏ.)**

ଯାଜପୁର ଜିଲା ପାଣିକୋଇଲି ଥାନା ପୋଲିସ ବଳାତ୍କାର ଓ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଭୟ କରୁଥିବା ଅଭିଯୋଗ ହୋଇଛି । ଯାଜପୁର ଜିଲା କୋରେଇ ବ୍ଲକ ଅମୃତିଆ ଗ୍ରାମର ୨୦୨୦ ସେପ୍ଟେମ୍ବର ୫ ରେ ଘଟିଥିବା ଏହି ଘଟଣା ସଂକ୍ରାନ୍ତରେ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାମଲା(ନଂ.୧୯୩/୨୦) ରୁଜୁ କରି ହାତବାନ୍ଧି ବସିଛି । ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଏବେ ଅନ୍ୟମାନଙ୍କୁ ଗିରଫ କରୁ ନାହିଁ ବୋଲି ପୀଡିତା ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ବାଜିଛକର ଉତ୍ତମ ବେହେରାଙ୍କୁ ଗିରଫ କରି ପାଣିକୋଇଲି ପୋଲିସ କୋର୍ଟ ଚାଲାଣ କରିଥିଲା । ହେଲେ ଉକ୍ତ ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନାହିଁ । ୨୦୨୧ ମାର୍ଚ୍ଚ ୧୨ରେ ଉତ୍ତମ ଫୋନ ଯୋଗେ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ । ତାଙ୍କ ପରିବାର ପକ୍ଷରୁ ମାମଲାର ସମାଧାନ ନ କଲେ ହତ୍ୟା ଧମକ ଆସିଥିଲା । ଯାହାକୁ ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ଅନ୍ୟ ଏକ ମାମଲା (ନଂ.୮୪/୨୧) ରୁଜୁ କରାଯାଇଥିଲା । ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା । ବାରମ୍ବାର ଥାନା ଅଧିକାରୀ ଓ ଏସ୍‌ପିଙ୍କୁ ଗୁହାରି କରାଯାଇଥିଲେ ମଧ୍ୟ ପୋଲିସ ପୀଡିତାଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏହାର ସୁଯୋଗ ନେଇ ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲାର ସମାଧାନ ପାଇଁ ବାରମ୍ବାର ଧମକ ଦିଆଯାଉଛି ।

ସୂଚନାଯୋଗ୍ୟ, ଯାଜପୁରରୋଡର ଏକ ଶପିଙ୍ଗ୍ ମଲ୍‌ରେ କାମ କରୁଥିବା ଜଣେ ଯୁବତୀଙ୍କ ସହ ଉତ୍ତମଙ୍କ ସମ୍ପର୍କ ଗଢି ଉଠିଥିଲା । ୨୦୨୦ ଅଗଷ୍ଟ ୨୯ରେ ବିବାହର ପ୍ରତିଶ୍ରୁତି ଦେଇ ଉତ୍ତମ ସମ୍ପୃକ୍ତ ଯୁବତୀଙ୍କୁ ଡୁବୁରୀ ଛକକୁ ଡାକିଥିଲେ । ସେଠାରୁ ଯୁବତୀଙ୍କୁ ବାଇକ୍‌ରେ ବସାଇ ଭୁବନ ନେଇଯାଇଥିଲେ । ସେଠାରେ ଏକ ମଦ ବାରରେ ରଖି ରାତିରେ ବଳାତ୍କାର କରିଥିଲେ । ଏହାପରେ ଯୁବତୀ ଜଣକ ବିବାହ ପାଇଁ କହିବାରୁ ଉତ୍ତମ ୨/୩ ଦିନ ସମୟ ମାଗି ତାଙ୍କୁ ଯାଜପୁରରୋଡରେ ଛାଡି ଦେଇଥିଲେ । ସେପ୍ଟେମ୍ବର ୨ ତାରିଖରେ ଯୁବତୀ ଉତ୍ତମଙ୍କୁ ଫୋନ କରି ବିବାହ ସମ୍ପର୍କରେ ପଚାରିଥିଲେ। ହେଲେ ବିବାହ ଯୋଗାଡ଼ କରିବା ପରିବର୍ତ୍ତେ ଉତ୍ତମଙ୍କ ପରିବାର ସଦସ୍ୟ ବିଜୟ ବେହେରା, ଅଜୟ ବେହେରା, ଅକ୍ଷୟ ବେହେରା, ଜୟନ୍ତୀ ପୃଷ୍ଟି, ତ୍ରିଲୋଚନ ପୃଷ୍ଟି ପ୍ରମୁଖ ଯୁବତୀଙ୍କୁ ମାଡ ମାରିବା ସହ ହାତ ଗୋଡ ବାନ୍ଧି ଦେଇଥିଲେ । ଖବର ପାଇ ଯୁବତୀଙ୍କ ଭିଣୋଇ ତାକୁ ଉଦ୍ଧାର କରିଥିଲେ । ଏହି ଅଭିଯୋଗରେ ପୋଲିସ ଉତ୍ତମଙ୍କୁ ଗିରଫ କରିଥିଲା । ହେଲେ ତାଙ୍କୁ ମାଡ଼ ମାରିଥିବା ଲୋକମାନଙ୍କ ବିରୋଧରେ ପୋଲିସ ଏ ଯାଏ କୌଣସି ପଦକ୍ଷେପ ଗ୍ରହଣ କରି ନାହିଁ ବୋଲି ପୀଡ଼ିତା କହିଛନ୍ତି ।


सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
cmpdi
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

NOTICE

"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
cmpdi
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in"**

**ସର୍ବସାଧାରଣ ବିଜ୍ଞପ୍ତି**
**ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ**

ଏତଦ୍ଵାରା ସର୍ବସାଧାରଣଙ୍କୁ ଅଧିସୂଚିତ କରାଯାଉଛି ଯେ, ରାଜପତ୍ର ଅଧିସୂଚନା ସଂଖ୍ୟା ଏସ୍.ଓ.୨୪୨୧(ଇ) ଅନୁଯାୟୀ ଏନ୍‌ଏଚ୍-୧୬ର ଭୁବନେଶ୍ୱର-ଜଗତପୁର-ଚଣ୍ଡିଖୋଲ ସେକ୍ସନର କି.ମି.୪୧୩.୦୦୦ରୁ କି.ମି. ୪୧୮.୦୦୦ ଏବଂ କି.ମି. ୦୦.୦୦୦ରୁ କି.ମି.୬୨.୦୦୦ ଅଂଶ ନିମନ୍ତେ ନିର୍ମାଣ ଅବଧିରେ କି.ମି. ୩୪.୬୨୪ ଅର୍ଥାତ୍ ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା, ଗ୍ରାମ- ହରିଅନ୍ତା, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହକୁ ଅଧିକୃତ କରାଯାଇଥିଲା ।
ଉକ୍ତ ଅଧିସୂଚନା ଛଅ ଲେନିଂ ପରେ କି.ମି. ୪୦.୫୦୦ଠାରେ ଟୋଲ୍ ସଂଗ୍ରହକୁ ମଧ ଅଧିକୃତ କରିଥାଏ । ତେଣୁ, ଉପରୋକ୍ତ ରାଜପତ୍ର ଅଧିସୂଚନା ଅନୁଯାୟୀ, **ତା୧୫।୦୪।୨୦୨୧ରିଖ ୦୦.୦୦ ଘଟିକାଠାରୁ** ମଙ୍ଗୁଳିସ୍ଥିତ କି.ମି. ୩୪.୬୨୪ ପରିବର୍ତ୍ତେ **କି.ମି. ୪୦.୫୦୦,** ଗ୍ରାମ- ବଦାଳୋ, ଟାଙ୍ଗୀ, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହ କରାଯିବ ।

**OFFICE OF THE MUNICIPAL COUNCIL, SUNABEDA**

Letter No.1250 Date:8.4.21

**TENDER CALL NOTICE**

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

**Sd./- Executive Officer, Sunabeda Municipality**
OIPR-13076/11/0001/2122

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆରଏମ୍/ଇଏନ୍‌ଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; (୧) ସିକେପି-ୱେଷ୍ଟ୍-୨୧-୨୨-୦୧, ତାରିଖ: ୦୮।୦୪।୨୦୨୧;** ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ବି, ଇ, ସି, ଡି ଏବଂ ଲୋକୋ କଲୋନୀଠାରେ ଆରସିସି ଛାତର ଲିକେଜ୍ ଓ ଅନାବୃତ ରିଇନଫୋର୍ସମେଣ୍ଟର ମରାମତି; ₹୨,୩୪,୭୯,୨୨୩.୬୬ । **(୨) ସିକେପି-ୱେଷ୍ଟ୍-୨୧-୨୨-୦୨, ତାରିଖ: ୦୮।୦୪।୨୦୨୧;** ଏସଏସଇ/ୱାର୍କସ୍-।।/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ 'ବି' ଏବଂ 'ସି' ସେକ୍ଟର ବଣ୍ଡମୁଣ୍ଡାଠାରେ ପୃଥକ ଜୀର୍ଣ୍ଣଶୀର୍ଣ୍ଣ ମାସୋନାରି ଓ.ଏଚ୍. ଟାଙ୍କିର ୱାଟର ଷ୍ଟୋରେଜ୍ ଟାଙ୍କି ଦ୍ୱାରା ମରାମତି କରିବା; ₹୮୧,୩୭,୧୭୩.୩୯ । **ଇଏମ୍‌ଡି:** ଉଭୟ ପାଇଁ ୦.୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ ୦.୦ । **ଖୋଲାଯିବା ତାରିଖ:** ଉଭୟ ପାଇଁ ୦୬।୦୫।୨୦୨୧ । ଟେଣ୍ଡର ୱେବସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-।/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦)
(PR-11)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/20-21/E-Tender/65 ତା.06.04.2021ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENTKUR-294-2020, ତା.25.03.2021ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପରିସୀମା ଅଧୀନସ୍ଥ ରେତଙ୍ଗ, ପଟିଆ, ବାରଙ୍ଗ ଏବଂ ନରାଜ ମାର୍ଥପୁର ଷ୍ଟେସନଗୁଡ଼ିକ ଠାରେ ହାଇ ଲେଭେଲ (high level) ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :
287.81 ଲକ୍ଷ, ଶେଷ ହେବା ଅବଧି : 10 (ଦଶ) ମାସ

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EASTKUR-296-2020, ତା.30.03.2021ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-II, କଟକ ପରିସୀମା ଅଧୀନସ୍ଥ କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 12.70 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :
326.75 ଲକ୍ଷ, ଶେଷ ହେବା ଅବଧି : 12 (ବାର) ମାସ

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-299-2020, ତା.31.03.2021ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ) ପରିସୀମା ଅଧୀନସ୍ଥ ବିଭିନ୍ନ ୟାର୍ଡ଼ ଲାଇନ୍‌ଗୁଡ଼ିକଠାରେ 15.135 କି.ମି. କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :
307.67 ଲକ୍ଷ, ଶେଷ ହେବା ଅବଧି : 18 (ଅଠର)ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.21.04.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-08/M/21-22

## ମାସ୍କ ଚେକିଂରେ ଜରିମାନା ଆଦାୟ

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ପୋଲିସ ପକ୍ଷରୁ ମାସ୍କ ଚେକିଂ, କୋଭିଡ୍ କଟକଣାକୁ କଡାକଡି କରାଯାଉଛି। ଏହି କ୍ରମରେ ଆଇଆଇସି ବିଶ୍ୱଜିତ ରାଉତରାୟ, ଏସ୍ଆଇ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ଖଣ୍ଡପଡା ବାଇପାସ୍ ରାସ୍ତା, ଖଳିସାହି ବଜାର ଓ ସହରର ବିଭିନ୍ନ ସ୍ଥାନରେ ଗୁରୁବାର ଓ ଶୁକ୍ରବାର ଚଢାଉ କରିଥିଲେ। ବିଭିନ୍ନ ସ୍ଥାନରେ ଚଢାଉ ସମୟରେ ବିନା ମାସ୍କରେ ବୁଲୁଥିବା ଅମାନିଆଙ୍କଠାରୁ ଜରିମାନା ବାବଦରେ ୮ହଜାର ୭ଶହ ଟଙ୍କା ଆଦାୟ କରାଯାଇଛି ବୋଲି ଆଇଆଇସି ରାଉତରାୟ କହିଛନ୍ତି।

## ସଂକ୍ଷେପରେ

### ଟାଟା ମ୍ୟାଜିକ ଓଲଟି ୪ ଶ୍ରମିକ ଆହତ

ପାତ୍ରପୁର,୯।୪(ଡି.ଏନ.ଏ.):ଜରଡ଼ା ଥାନା ପାତ୍ରପୁର ଓ ତମ୍ପାପୁର ମଧ୍ୟସ୍ଥଳରେ ଶୁକ୍ରବାର ଏକ ଟାଟା ମ୍ୟାଜିକ ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ୪ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ରଙ୍ଗବତୀ ଚଣ୍ଡ, ମମତା ସାହୁ, ରଶ୍ମି ସାହୁ, ରଞ୍ଜିତା ଦାସ। ସମସ୍ତ ଆହତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖାରିଆଗୁ ପଞ୍ଚାୟତର ତାଳପଡ଼ା ଓ ଏସ୍.ନୂଆଗାଁ ଗ୍ରାମର ପ୍ରାୟ ୨୦ଜଣ ଶ୍ରମିକ ତମ୍ପାପୁର ଗ୍ରାମକୁ ଶ୍ରମିକ ଭାବେ ଜଣକ ଘର କାମ ପାଇଁ ଯାଇଥିଲେ। କାମ ସାରି ଫେରିବା ସମୟରେ ଏକ ବଙ୍କା ରାସ୍ତାରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଶେରଗଡ଼ ବିଡିଓ ସମ୍ବର୍ଦ୍ଧିତ

ପାତ୍ରପୁର,୯।୪(ଡି.ଏନ.ଏ.): ପାତ୍ରପୁର ବ୍ଲକ ବାଦପୁର ଗ୍ରାମକୁ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ଶୁକ୍ରବାର ଏକ ପଦଯାତ୍ରା କରାଯାଇଛି। ଗୁରୁବାର ଗ୍ରାମ୍ୟ ବୈଠକରେ ନିଷ୍ପତ୍ତି ପ୍ରକାରେ ନିଶା ନିବାରଣ ଓ ମଦ ମୁକ୍ତ ଗ୍ରାମ ଗଠନ ପାଇଁ ଗ୍ରାମର କମିଟି, ବୁଦ୍ଧିଜୀବୀ, ସରପଞ୍ଚ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏସ୍ଏଚ୍ଜି ମହିଳା, ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ଏକ ପଦଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରାଇଥିଲେ। ନିଶା ନିବାରଣ ଓ ଦୁର୍ନୀତି ନିବାରଣ ସମ୍ପର୍କିତ ବାର୍ତ୍ତାକୁ ପ୍ଲା କାର୍ଡ ମାଧମରେ ମଧ ସଚେତନ କରାଯାଇଥିଲା। ଗ୍ରାମକୁ ମଦମୁକ୍ତ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ।

### ରାସ୍ତାରେ ପଡ଼ି ଦଣ୍ଡୁଆଙ୍କ ମୃତ୍ୟୁ

ଶେରଗଡ଼,୯।୪(ଡି.ଏନ.ଏ.):ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁ ଉର୍ଜା ବାର୍ଷିକ ସମ୍ମିଳନୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗୋପାଳପୁରଠାରେ ଗତ ୪ ତାରିଖରେ ଗଞ୍ଜାମ ଜିଲାସ୍ତରୀୟ ଉର୍ଜା ବାର୍ଷିକ ସମ୍ମିଳନୀରେ ମାନପତ୍ର ସାଙ୍ଗକୁ ଫୁଲତୋଡ଼ା, ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଉପଜିଲାପାଳ ଓ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କ ଉପସ୍ଥିତିରେ ବିଡିଓଙ୍କୁ ସମ୍ମାନିତ କରାଯାଇଛି। ଏମ୍ଜିଏନ୍ଆର୍ଇଜିଏସ୍, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କାମ ପାଇଁ ବିଡିଓଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ଉର୍ଜା ଆୟୋଜକ କହିଛନ୍ତି।

### ପୂର୍ବତନ ନଗରପାଳଙ୍କ ବିୟୋଗରେ ଶୋକ

ଗଞ୍ଜାମ,୯।୪(ଡି.ଏନ.ଏ.):ଗଞ୍ଜାମ ଏନ୍ଏସିର ପ୍ରଥମ ନଗରପାଳ ବୃନ୍ଦାବନ ପଲାଇଙ୍କ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଗୁରୁବାର ଭୁବନେଶ୍ୱରରେ ବୃନ୍ଦାବନଙ୍କ ବିୟୋଗ ପରେ ମରଶରୀର ଜନ୍ମମାଟି ପୁଇଁତୋଳା ଗ୍ରାମକୁ ଅଣାଯାଇଥିଲା। ସେଠାରେ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ଅମର ଆତ୍ମାର ସଦ୍‌ଗତି କରିଥିଲେ। ଭାଜପା ନେତା ପ୍ରଶାନ୍ତ କର, ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ, ସୁଦାମ ଚରଣ ଜେନା, ସିପିଆଇ ନେତା ପ୍ରକାଶ ପାତ୍ର, ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ସିପିଏମ ନେତା ପି. ହରେକୃଷ୍ଣ ରେଡି ପ୍ରମୁଖ ଶୋକ ପ୍ରାର୍ଥନା କରିଥିଲେ।

# ଛତିଶଗଡ଼ ଗାଡ଼ି ପ୍ରବେଶ ଉପରେ କଟକଣା

ଭଞ୍ଜନଗର,୯।୪(ଡି.ଏନ.ଏ)


ଖବରଦାତା ସମ୍ମିଳନୀରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ।

ବିଭିନ୍ନ ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀ ଦେଖିବାକୁ ମିଳୁଛି । ଗଞ୍ଜାମ ଜିଲାରେ ମଧ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି । ତେଣୁ ଜନସାଧାରଣ ଘରୁ ବାହାରିଲେ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏଥିସହ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ରୁ ଆସୁଥିବା ସମସ୍ତ ଯାତ୍ରୀବାହୀ ଯାନ ଭଞ୍ଜନଗର ଉପଖଣ୍ଡରେ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଉପଖଣ୍ଡର ସମସ୍ତ ପ୍ରବେଶ ପଥରେ ଯାଞ୍ଚ କଡ଼ାକଡ଼ି ହେବ। ପ୍ରବାସୀ ଓଡ଼ିଆମାନେ ଜିଲାକୁ ଫେରିଲେ ନେଗେଟିଭ୍ ରିପୋର୍ଟ ଆଣିବେ। କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ନେଇଥିବା ଲୋକ ପ୍ରମାଣପତ୍ର ଦେଖାଇଲେ ଆସିପାରିବେ। ନଚେତ ୭ ଦିନ ଘରେ ସଙ୍ଗରୋଧରେ ରହିବେ। ଲକ୍ଷଣ ଦେଖାଦେଲେ ଟେଷ୍ଟ କରାଯିବ। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଭଞ୍ଜନଗର ଓ ଆସିକାରେ ୨ଟି କୋଭିଡ୍ କେୟାର ସେଣ୍ଟର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଧାର୍ମିକ ଅନୁଷ୍ଠାନ, କୋଚିଂ ସେଣ୍ଟର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ନିୟମ ଖିଲାପ କଲେ ୭ଦିନ ପାଇଁ ଅନୁଷ୍ଠାନକୁ ବନ୍ଦ କରିଦିଆଯିବ । ବ୍ୟବସାୟ ପ୍ରତିଷ୍ଠାନ ପଞ୍ଚସୂତ୍ର ନିୟମ ମାନିବାକୁ ବାଧ । ମାସ୍କ ଯାଞ୍ଚ କଡ଼ାକଡ଼ି ହେବ। ସରକାରୀ କାର୍ଯ୍ୟାଳୟକୁ ବିନା କାର୍ଯ୍ୟରେ ଜନସାଧାରଣ ଅସିପାରିବେ ନାହିଁ। ହେଲ୍ପ ଡେ଼ସ୍କ ଏବଂ ଅନ୍‌ଲାଇନ ମାଧ୍ୟମରେ ଆପତ୍ତି ଅଭିଯୋଗ କରିବେ। ଦ୍ୱିତୀୟ ଲହର ମୁକାବିଲା ପାଇଁ ଉପଜିଲାପାଳ ସାଧାରଣ ଜନତାଙ୍କ ସହଯୋଗ କାମନା କରିଥିଲେ । ଖବରଦାତା ସମ୍ମିଳନୀରେ ଡେ଼ପୁଟି କଲେକ୍ଟର ବିଶ୍ୱରଞ୍ଜନ କହଁର, ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଫକୀର ମୋହନ ମାଝୀ ଉପସ୍ଥିତ ଥିଲେ ।

# ଖୋଲିଲା ୬ କୋଭିଡ୍ କେୟାର ସେଣ୍ଟର

ଛତ୍ରପୁର,୯।୪(ଡି.ଏନ.ଏ)

**୮୫୦ ଅକ୍ସିଜେନରହିତ ଶଯ୍ୟା ରହିବ**

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ପୁଣି ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମିତଙ୍କ ନିମନ୍ତେ କୋଭିଡ୍ କେୟାର ସେଣ୍ଟର ଜରୁରୀ ହୋଇପଡିଛି । ଏଥିଲାଗି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଜ କ୍ଷମତା ପ୍ରୟୋଗ କରି ଜିଲାରେ ୬ଟି ଡେଡିକେଟେଡ୍ କୋଭିଡ୍ କେୟାର ସେଣ୍ଟର (ଡିସିସି) ଘୋଷଣା କରିଛନ୍ତି। ଉକ୍ତ ୬ ଡିସିସିରେ ମୋଟ ୮୫୦ ଶଯ୍ୟା ରହି। ସେସବୁରେ ଅକ୍ସିଜେନ ସୁବିଧା ରହିବ। ସେଣ୍ଟରଗୁଡିକ ଏସ୍ଓପି ଓ ଗାଇଡଲାଇନ୍ ମାନିବା ବାଧତାମୂଳକ ବୋଲି ଜିଲାପାଳ କହିବା ସହ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସିସିଗୁଡିକର ପରିଚାଳନା ପାଇଁ ନୋଡାଲ ମେଡିକାଲ ଓ ପ୍ରଶାସନିକ ଅଫିସର ଓ ହସ୍ପିଟାଲ ମ୍ୟାନେଜରଙ୍କୁ ଦାୟିତ୍ୱ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଗୋଳନ୍ଥରା ନିକଟ ପାଲୁରହିଲ୍ ସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ଡିସିସିରେ ୫୦୦ ଶଯ୍ୟା ରହିବ। ସେହିପରି ଆସିକା ବାବନପୁରସ୍ଥିତ ଲେପ୍ରୋସି ହସ୍ପିଟାଲରେ ୧୫୦ ଶଯ୍ୟା, ଭଞ୍ଜନଗରସ୍ଥିତ ଯୁବି ହାଇସ୍କୁଲ ଅର୍ବାନ୍ ବଏଜ୍ ହଷ୍ଟେଲ ଓ ଏସ୍‌ଟି ଗାଲର୍ସ ହଷ୍ଟେଲ, ହିଞ୍ଜିଳି ଉପଖଣ୍ଡ ହସ୍ପିଟାଲର ପୁରୁଣା ବିଲ୍ଡିଂ, ବ୍ରହ୍ମପୁର ସିଟି ହସ୍ପିଟାଲର ନୂଆ ଓ ଆଣ୍ଡ ଜି କମ୍ପ୍ଲେକ୍ସ ବିଲ୍ଡିଂ ଓ ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ବାଳିକା ହଷ୍ଟେଲ ବିଲ୍ଡିଂରେ ୫୦ ଲେଖାଏ ଶଯ୍ୟା ରହିବ।

# ଅନ୍ୟ ଘାଟରେ ବୁଡ଼ ପକାଇଲେ ଭକ୍ତ

ପୁରୁଷୋତ୍ତମପୁର,୯।୪(ଡି.ଏନ.ଏ.)

**ପ୍ରତାପୁରରେ ବାରୁଣୀ ସ୍ନାନ ବନ୍ଦ**

ପୁରୁଷୋତ୍ତମପୁର ବ୍ଲକ ପ୍ରତାପୁର ନିକଟ ଋଷିକୁଲ୍ୟା ନଦୀର ତୁମ୍ବେଶ୍ୱର ଘାଟରେ ଶୁକ୍ରବାର ବାରୁଣୀ ସ୍ନାନକୁ ପ୍ରଶାସନ ପକ୍ଷରୁ କରୋନା ନେଇ ବନ୍ଦ କରାଯାଇଥିଲା। ଏଠାରେ ୧୪୪ ଧାରା ଜାରି ହୋଇଥିଲା। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ନିତିଶ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଟୁଡୁଙ୍କ ସହ ପୁରୁଷୋତ୍ତମପୁର ଏସଡିପିଓ ସୀମା ସ୍ୱାଇଁଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ନଦୀ ଚାରିପଟୁ ସିଲକରି ପଇଁତରା ମାରିଥିଲେ। ପ୍ରତାପୁର ଗ୍ରାମ ସମ୍ପୂର୍ଣ୍ଣ ଶୁନଶାନ ହୋଇପଡିଥିଲା। ଅନୁମତି ପ୍ରକାରେ ଗୌରୀଶଙ୍କର ରାଉଳଙ୍କ ତତ୍ତ୍ୱାବଧାନରେ ପରମ୍ପରା ରକ୍ଷା ଲାଗି ଭୋରରେ ମହାପ୍ରଭୁ ତୁମ୍ବେଶ୍ୱର, ଜଗନ୍ନାଥ, ରଘୁନାଥ, ଲକ୍ଷ୍ମୀ ନାରାୟଣ ଓ ତାରାତାରିଣୀଙ୍କୁ ବୁଡଘାଟକୁ ଅଣାଯାଇ ପୂଜାର୍ଚ୍ଚନା ସହ ମେଳଣ କରି ତୁରନ୍ତ ମନ୍ଦିରକୁ ଫେରାଇ ନିଆଯାଇଥିଲା। ଅନ୍ୟପକ୍ଷରେ କଟକଣା ସତ୍ତ୍ୱେ କେତେକ ମଧ ରାତି ୧୨ରୁ ୩ଟା ମଧରେ ଆସି ପ୍ରତାପୁର ବୁଡ ଘାଟରେ ବୁଡ ନ ପକାଇ ହିଣ୍ଡୁଳା ନଦୀ ଘାଟ, ଗୋବା ଘାଟ, କେଏନପୁର ନଦୀ ଘାଟରେ ବୁଡ ପକାଇବା ସହ ପିତୃ ପୁରୁଷଙ୍କୁ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ପାଣ୍ଡିଆ ଓ ଜାମୁନି ନଦୀ ବୁଡ ଘାଟରେ ମଧ ପୋଲିସ ଓ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିବା ବେଳେ ଅନ୍ୟ ଘାଟରେ ରାତିରେ ଲୋକେ ବୁଡ ପକାଇଥିଲେ।


ମହାପ୍ରଭୁଙ୍କ ମହାମିଳନ

## କୂଅରୁ ବୃଦ୍ଧାଙ୍କ ମୃତଦେହ ଜବତ

ଦିଗପହଣ୍ଡି,୯।୪(ଡି.ଏନ.ଏ.)

ଜଣେ ବୃଦ୍ଧାଙ୍କ ମୃତଦେହ ଏକ କୂଅରୁ ଶୁକ୍ରବାର ଜବତ କରାଯାଇଛି। ସେ ହେଲେ ଡେଙ୍ଗାଓସ୍ତା ଖଜୁରିପଦା ସାହିର ସ୍ୱର୍ଗତ ରାମ ସାହୁଙ୍କ ସ୍ତ୍ରୀ ବିମଳା (୭୦)। ମୃତ ବୃଦ୍ଧାଙ୍କୁ ସାନଖେମୁଣ୍ଡି ଦମକଳବାହିନୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ପହଞ୍ଚି ନଂ. ୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ଯେଉଁ କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ସେହି କୂଅର ଉଚ୍ଚତା ଭୂମିଠାରୁ ତିନି ଫୁଟ ହେବ। ସେହି ଉଚ୍ଚକୁ ଅତିକ୍ରମ କରି ବୃଦ୍ଧା ଜଣକ କୂଅ ଭିତରେ କିପରି ପଶିଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବାରୁ ସାହିବାସୀ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି।

# ହତ୍ୟା ଘଟଣା, ୫ କୋର୍ଟଚାଲାଣ


ଗିରଫ ଅଭିଯୁକ୍ତମାନେ।

ସୋରଡ଼ା,୯।୪(ଡି.ଏନ୍.ଏ.)

ଗୁଣି ସନ୍ଦେହରେ ବଡଗଡ ଥାନା ଦିମ୍ବିରିପାଙ୍କଳ ଗ୍ରାମର ବୃଦ୍ଧ ଧର୍ମ ନାୟକଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ବୁଦ୍ଧିରାମ ନାୟକ, ଧୋବା ନାୟକ, ବୁଲୁ ନୟକ, ରୋହିତ ନାୟକ, ଦାସ ନାୟକ। ପ୍ରକାଶ ଯ, ଗତ ୩୧ ତାରିଖରେ ଧର୍ମ ଜଳଖିଆ ଖାଇବାକୁ ବାହାରକୁ ଯାଇଥିଲେ। କିନ୍ତୁ ସେ ଘରକୁ ନ ଫେରିବାରୁ ପାରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ପତ୍ତା ମିଳି ନ ଥିଲା। ବଡ଼ଗଡ଼ ଥାନା କଇଠାଖଳା ଗ୍ରାମର ରାସ୍ତାରେ ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ପଡ଼ି ଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଆଇଆଇସି ପ୍ରତାପ ଚନ୍ଦ୍ର ତ୍ରିପାଠୀ ପହଞ୍ଚି ମୃତଦେ ଜବତ କରି ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଧର୍ମା ବହୁଦିନ ହେଲା ଗୁଣି କରି ଗାଁର କିଛି ଛୁଆଙ୍କୁ ମାରି ଦେବା ସହ କେତେଜଣ ମହିଳାଙ୍କୁ ପାଗଳି କରିଥିବା ସନ୍ଦେହ କରି ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଅଟୋ ଓଲଟି ଜଣେ ଶ୍ରମିକ ମୃତ, ୮ ଗୁରୁତର

ଦିଗପହଣ୍ଡି,୯।୪(ଡି.ଏନ.ଏ.)

ଦିଗପହଣ୍ଡି–ଆସିକା ରୋଡ୍ ସ୍ଥିତ କବିରାଜ ବନ୍ଧ ନିକଟରେ ଶୁକ୍ରବାର ଏକ ଅଟୋ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି। ମୃତ ଶ୍ରମିକ ହେଲେ ଏହି ଥାନା ଅନ୍ତର୍ଗତ କଇଠଖଣ୍ଡି ଗ୍ରାମ ବଳିସାହିର କୁରା ବେହେରା। ଗୁରୁତରମାନେ ହେଲେ ବାବୁ ବେହେରା, ଅଟୋ ଚାଳକ ସୁଦାମ ବେହେରା, ମୁରଲୀ ବେହେରା, ସୀମାଞ୍ଚଳ ସେଠୀ, ସୁନୀଲ ବେହେରା, ପ୍ରଶାନ୍ତ ସେଠୀ, କୈଳାସ ସେଠୀ ଏବଂ ଚକାଟେନ୍ତୁଳି ଗ୍ରାମର ପ୍ରଶାନ୍ତ ଗୌଡ। ସମସ୍ତେ ଶ୍ରମିକ ଛାତ ଢଳେଇ କରିବା ପାଇଁ ସକାଳେ ଡାଲାଅଟୋ (ନଂ ଓଡି୦୭ଏଜି୨୬୭୮) ଯୋଗେ ସାନଖେମଣ୍ଡି ବ୍ଲକ ବଉଳଘାଇ ଗ୍ରାମକୁ ଯାଇଥିଲେ। ସେଠାରୁ ମଧାହ୍ନରେ ନିଜ ଗ୍ରାମକୁ ଫେରୁଥିବା ବେଳେ କବିରାଜ ବନ୍ଧ ନିକଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଦିଗପହଣ୍ଡି ଦମକଳବାହିନୀ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର କୁରାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଗୁରୁତରଙ୍କୁ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛି।

## ଶିଶୁ ଉଦ୍ୟାନ ପରିଦର୍ଶନ କଲେ ମନ୍ତ୍ରୀ

ଭଞ୍ଜନଗର,୯।୪(ଡି.ଏନ.ଏ)

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଭଞ୍ଜନଗରସ୍ଥିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନକୁ ପରିଦର୍ଶନରେ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶିଶୁ ଉଦ୍ୟାନର କିପରି ଆହୁରି ଉନ୍ନତି ହୋଇପାରିବ ସେ ବିଷୟରେ ଶିଶୁ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ଉଦ୍ୟାନ ପାଖରେ ହୋଇଥିବା ମାଛ ଚାଷ ପୋଖରୀ ଦେଖିବା ସହ ଭେଜିପୁଟ ପକ୍କା ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ତଦାରଖ ମଧ କରିଥିଲେ ।

# ୨ ନକଲି ଟିସି ପ୍ରସ୍ତୁତକାରୀଙ୍କୁ କୋର୍ଟ ଚାଲାଣ

ଗୋପାଳପୁର,୯।୪

**ଚାକିରି ପାଇଁ ଜାଲିଆତି ଘଟଣା**

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ ସୈନ୍ୟ ବାହିନୀରେ ଚାକିରି ପାଇଁ ଜାଲିଆତି ଅଭିଯୋଗରେ ୭ ଜଣ ଯୁବକଙ୍କୁ ଗୋପାଳପୁର ପୋଲିସ ଗତ ୫ ତାରିଖରେ କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ସମ୍ପୃକ୍ତି ଥିବା ଘରୋଇ ଶିକ୍ଷାନୁଷ୍ଠାନର ଅନ୍ୟ ୨ଜଣଙ୍କୁ ଶୁକ୍ରବାର ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଏସ୍. ଶଙ୍କର ରାଓ ଏବଂ ଇଚ୍ଛାପୁରର ଏମ୍.ଲାବଣ୍ୟ କୁମାର। ସେମାନଙ୍କଠାରୁ ଟିସି ସାର୍ଟିଫିକେଟ ବହି, ବିଭିନ୍ନ ସ୍କୁଲର ୧୩ ସିଲ୍ ଓ ରେଜିଷ୍ଟର ଖାତା ଜବତ କରିଥିଲେ। ରିପୋର୍ଟ ଅନୁସାରେ, ଗତ ୯ ବର୍ଷ ହେଲା ଶଙ୍କର ଓ ଲାବଣ୍ୟ ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ୫ମ ଲେନ୍‌ରେ ଏକ ଘର ଭଡ଼ା ନେଇ ରାଘବେନ୍ଦ୍ର ଏକାଡେମୀ ଓ ଷ୍ଟଡି ସେଣ୍ଟର କରିଥିଲେ। ସେମାନେ ନକଲି ଟିସି ସାର୍ଟିଫିକେଟ କରି ବିଭିନ୍ନ ସ୍କୁଲର ସିଲ୍ ମାରି ବୟସ କମ୍ କରି ପିଲାମାନଙ୍କୁ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଓପନ ସ୍କୁଲରେ ୧୦ମ ଶ୍ରେଣୀରେ ନାମ ଲେଖାଉଥିଲେ। ଏଥିସହ ଆନ୍ଧ୍ରପ୍ରଦେଶ ସେଣ୍ଟରରେ ଅଧିକ ମାର୍କ ରଖି ୧୦ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଥିଲେ। ଗୋପାଳପୁର ପୋଲିସ ଏହି ଘଟଣାରେ ଉଭୟଙ୍କ ସମ୍ପୃକ୍ତି ରହିଥିବା ଜାଣି ଗୁରୁବାର ଗାନ୍ଧୀନଗର ୫ମ ଲେନ୍‌ରେ ଚଢ଼ାଉ କରି ଉଭୟ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ନେଇ ନଂ. ୬୦/୨୧ରେ ମାମଲା ରୁଜୁ ହୋଇଛି।

# ଚିନିଶିଳ୍ପ ବଟଲିଂ ପ୍ଲାଣ୍ଟ ଶ୍ରମିକଙ୍କ ଧାରଣା

ଆସିକା,୯।୪ (ଡି.ଏନ୍.ଏ.)


ଆନ୍ଦୋଳନରତ ବଟଲିଂ ପ୍ଲାଣ୍ଟ ଶ୍ରମିକମାନେ ।

**ପୋଲିସର ଲାଠିମାଡ଼ ଅଭିଯୋଗ, ୭ ଅଟକ**

ଆସିକା ସମବାୟ ଚିନିଶିଳ୍ପରେ ପ୍ରସ୍ତୁତ କରାଯାଉଥିବା ମଦ ପ୍ୟାକିଂ କାର୍ଯ୍ୟରେ ନିୟୋଜିତ ବଟଲିଂ ପ୍ଲାଣ୍ଟର ଶତାଧିକ ଶ୍ରମିକ ଶୁକ୍ରବାର ପୂର୍ବାହ୍ନରୁ ଚିନିଶିଳ୍ପ ସମ୍ମୁଖରେ ଧାରଣାରେ ବସିଥିଲେ। ସନ୍ଧ୍ୟାରେ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ତହସିଲଦାର ସଦାନନ୍ଦ ସେଠୀ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଓ ସମ୍ପାଦକଙ୍କୁ ଉଦ୍ଧାର କରି ଆଣୁଥିଲା ବେଳେ ଫାଟକ ନିକଟରେ ଆନ୍ଦୋଳନରତ ଶ୍ରମିକଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଶ୍ରମିକ ନେତା ଅନିଲ ପରିଡା ଓ ଜଣେ ମହିଳା ଶ୍ରମିକ ଟୁକୁନି ଜେନା ଆହତ ହୋଇଥିଲେ। ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଶ୍ରମିକମାନଙ୍କ ଉପରେ ଲାଠି ଚାଳନା କରିଥିବା ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ପୋଲିସକୁ ପଚାରିବାରୁ ଦିନ ତମାମ ଶ୍ରମିକଙ୍କ ଘେରାଉରେ ଥିବା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ନାୟକ ଓ ସମ୍ପାଦକ ଚନ୍ଦ୍ରଶେଖର ରେଡିଙ୍କୁ ଉଦ୍ଧାର କରିବାକୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ଯାଇଥିଲେ। ପରିଚାଳନା ନିର୍ଦ୍ଦେଶକ ନାୟକ ଅସୁସ୍ଥ ହୋଇଥିବାରୁ ତାଙ୍କୁ ପୋଲିସ ଅଧିକାରୀମାନେ ମେଡିକାଲ ନେବା ବେଳେ ଶ୍ରମିକମାନଙ୍କ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକଙ୍କ ଗାଡି ଉପରକୁ ପଥର ମାଡ ହୋଇଥିଲା । ପୋଲିସ ଏହି ମାମଲାରେ ୭ଜଣଙ୍କୁ ଅଟକ ରଖିଛି । ପୋଲିସ ପକ୍ଷରୁ ଲାଠି ଚାର୍ଜ କରାଯାଇନଥିବା ଏସ୍‌ଡିପିଓ ଓ ଥାନାଧିକାରୀ ସାହୁ ପ୍ରକାଶ କରିଛନ୍ତି। ଗତ ସପ୍ତାହେ ହେଲା ବଟଲିଂ ପ୍ଲାଣ୍ଟ ବନ୍ଦ ରହିଥିବାରୁ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଶ୍ରମିକ ହାତବାନ୍ଧି ବସିଛନ୍ତି। ଶୁକ୍ରବାର ବଟଲିଂ ପ୍ଲାଣ୍ଟ ଲାଗି ଟେଣ୍ଡରର ଶେଷ ଦିନ ଥିଲା ବେଳେ ଶ୍ରମିକମାନେ ସେମାନଙ୍କ ଚାକିରିର ସୁରକ୍ଷା ଲାଗି ୭ ଦଫା ଦାବିନେଇ ଧାରଣା ଦେଇଥିବା ଶ୍ରମିକ ସଂଘ ସଭାପତି ବିଜୟ କୁମାର ସ୍ୱାଇଁ କହିଛନ୍ତି। ଗତ ଜାନୁୟାରୀ ୩୦ରେ ଶ୍ରମିକ ସଂଘ ପକ୍ଷରୁ କାରଖାନା କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେବାରୁ ଶ୍ରମିକମାନେ ଆନ୍ଦୋଳନକୁ

## ବାଇକ୍ ଧକ୍କାରେ ଶିଶୁ ମୃତ୍ୟୁ: ଉତ୍ତେଜନା

ଦିଗପହଣ୍ଡି,୯।୪(ଡି.ଏନ.ଏ)

ଦିଗପହଣ୍ଡି ବ୍ଲକ ବୋମକେଇ ଗ୍ରାମ ମୁଖ୍ୟ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ୭ମ ଶ୍ରେଣୀ ଛାତ୍ର କାହ୍ନା ସେଠୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମଧାହ୍ନରେ ଦେଓଖାଳି ଗ୍ରାମର ଜଣେ ଯୁବକ ବୋମକେଇ ଗାଁରେ କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ କାହ୍ନା ହଠାତ ସାମ୍ନାକୁ ଚାଲି ଆସିଥିଲେ। ବାଇକ୍ ଧକ୍କାରେ ଗୁରୁତର କାହ୍ନାଙ୍କୁ ପ୍ରଥମେ ବୋମକେଇ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ପରିବାର ଲୋକେ ସାହିବାସୀଙ୍କ ସହାୟତାରେ ବୋମକେଇ ଗ୍ରାମ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ଲୋକେ ମୃତଦେହକୁ ଧରି ବାଇକ୍ ଚାଳକଙ୍କ ଘର ସମ୍ମୁଖରେ ରଖି ଧାରଣାରେ ବସିଥିଲେ। ପରେ ଉଭୟ ପକ୍ଷଙ୍କ ମଧରେ ଆପୋଷ ସମାଧାନ ହୋଇଥିଲା। ଟିକିଟି ଏସ୍‌ଡିପି ଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କୁ ପଚାରିବାରୁ ଏନେଇ କୌଣସ ଏତଲା ହୋଇନଥିବା କହିଛନ୍ତି।

# ନୂଆଗଡ଼ ବ୍ଲକରେ ଇଣ୍ଟରନେଟ୍ ସେବା ଠପ୍

ନୂଆଗଡ଼,୯।୪


ମାବାଇଲ ଟାୱାର

ଗଜପତି ଜିଲା ନୂଆଗଡ ବ୍ଲକ ଅଞ୍ଚଳରେ ରହିଛି ଅନେକ ସମସ୍ୟା। ସେହି ସମସ୍ୟା ମଧ୍ୟରୁ ଏବେ ମୁଖ୍ୟ ସମସ୍ୟା ହୋଇଛି ନେଟୱର୍କ ଏବଂ ଇଣ୍ଟରନେଟ୍ ସେବା। ଏଠାରେ ବ୍ଲକ, ତହସିଲ, କୃଷି ବିଭାଗ, ଶିକ୍ଷା ବିଭାଗ, ବ୍ୟାଙ୍କ, ପୋଷ୍ଟ ଅଫିସ, ଫରେଷ୍ଟ ଅଫିସ, ସ୍କୁଲ, କଲେଜ, ଅଗ୍ନିଶମ ବିଭାଗ ଭଳି ଅନେକ ଅନୁଷ୍ଠାନ ଓ କାର୍ଯ୍ୟାଳୟ ରହିଛି।

ଏଠାରେ ୩ଟି ମୋବାଇଲ ଟାୱାର ବହୁବର୍ଷ ପୂର୍ବରୁ ରହିଛି। ଦୁଃଖର ବିଷୟ ଏହି ଯେ ଏଥିମଧ୍ୟରୁ ଦୁଇଟି ଅଚଳ ଅବସ୍ଥାରେ ପଡି ରହିଥିବା ବେଳେ ଗୋଟିଏ ବିଏସ୍ଏନ୍ଏଲ ନେଟୱର୍କ ଚାଲୁ ରହିଛି। କିନ୍ତୁ ଏହା ଥାଇ ମଧ ନ ଥିଲା ସଙ୍ଗେ ସମାନ। କରେଣ୍ଟ ଚାଲିଗଲେ ନେଟୱର୍କ କଟିଯାଉଛି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଠିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। କରେଣ୍ଟ ଆସିବା ଅଧଘଣ୍ଟା ପରେ ନେଟୱର୍କ ଆସୁଛି। ଏଭଳି ସ୍ଥିତିରେ ବ୍ରଡ୍‌ବ୍ୟାଣ୍ଡ ବା ଇଣ୍ଟରନେଟ୍ ସୁବିଧା କହିଲେ ନ ସରେ। ତେଣୁ ଏହି ଅଞ୍ଚଳର ଜନସାଧାରଣ, ପ୍ରଶାସନିକ ସେବା, ସ୍ୱାସ୍ଥ୍ୟ ସେବା, ଅନ୍‌ଲାଇନ ତାଲିମ, କରୋନା ମହାମାରୀରେ ଛାତ୍ରୀଛାତ୍ରମାନଙ୍କ ଅନ୍‌ଲାଇନ୍ ପାଠପଢ଼ା ଏବଂ ଜରୁରିକାଳୀନ ପରିସ୍ଥିତିରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଏହି ଦୁର୍ଗମ ଅଞ୍ଚଳରେ ହଠାତ୍ କୌଣସି ଦୁର୍ଘଟଣା ଘଟିଲେ ବା ଗର୍ଭବତୀଙ୍କ ପ୍ରସବ ପାଇଁ ହସ୍ପିଟାଲ୍‌କୁ ନେବା ଭଳି ଜରୁରିକାଳୀନ ପରିସ୍ଥିତିରେ ୧୦୮ କିମ୍ବା ୧୦୨କୁ ଯୋଗାଯୋଗ କରିବାକୁ ହେଲେ ନେଟ୍‌ୱର୍କ ଆସୁଥିବା ସ୍ଥାନକୁ ଯାଇ ପାହାଡ ବା ଗଛ ଉପରେ ଚଢ଼ି ବହୁ କଷ୍ଟରେ ଯୋଗାଯୋଗ କରିବାକୁ ପଡ଼ିଥାଏ। ଉକ୍ତ ନେଟ୍‌ୱର୍କ ସମସ୍ୟାକୁ ନେଇ ଅଞ୍ଚଳବାସୀ ଅନେକ ଥର ବିଧାୟକ, ଏମ୍‌ପି ଏବଂ ଜିଲା ପ୍ରଶାସନକୁ ଗୁହାରି ଜଣାଇବା ସତ୍ତ୍ୱେ ମଧ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଉକ୍ତ ସମସ୍ୟାର ସମାଧାନ ହେଲେ ଅଞ୍ଚଳର ବିକାଶ ସହ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଭାଜପା ବ୍ଲକ ସାଧାରଣ ସମ୍ପାଦକ ରିଙ୍କୁ ପଣ୍ଡା ଓ ନୂଆଗଡ ସରପଞ୍ଚ ତଥା କଂଗ୍ରେସ ବ୍ଲକ ସମ୍ପାଦକ ମିନ ମଣ୍ଡଳ କହିଛନ୍ତି।

**୧୦ ଜଣ କରୋନା ଆକ୍ରାନ୍ତ**

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଜିଲା ପ୍ରଶାସନ ପକ୍ଷରୁ କଟକଣାକୁ ତ୍ୱରାନ୍ୱିତ କରାଯାଉଛି। ହେଲେ ଶୁକ୍ରବାର ୧୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୧ରେ ପହଞ୍ଚିଛି।

# ବାସନ୍ଦ ପରିବାରର ଦୁଃଖ ବଢୁଛି

## ଗାଁ ଗାଁରେ କଙ୍ଗାରୁ କୋର୍ଟ
## ନୟାଗଡ଼ ଜିଲାରେ ଲଗାମ ନାହିଁ

**ନୟାଗଡ଼ ଅଫିସ,୯।୪**

ଆଇନ କହୁଛି କଙ୍ଗାରୁ କୋର୍ଟ ବେଆଇନ। ଲଗାମ ନ ଥିବାରୁ ନୟାଗଡ଼ ଜିଲାର ଗାଁଗଣ୍ଡାରେ ବସୁଛି କଙ୍ଗାରୁ କୋର୍ଟ। ଗାଁ କୋର୍ଟରେ କରାଯାଉଛି ବିଚାର। ଭୁଲ ସ୍ୱୀକାର ନ କଲେ ପଡେ ଲକ୍ଷାଧିକ ଟଙ୍କାର ଜରିମାନା। ଜରିମାନା ନ ଦେଲେ କରାଯାଏ ନିଆଁ ପାଣି ବାସନ୍ଦ। ବାସନ୍ଦ ପରିବାର ସହ କେହି କଥା ହୁଅନ୍ତି ନାହିଁ। ଗାଁ ଦୋକାନରୁ ଦିଆଯାଏ ନାହିଁ ସଉଦା। ବଢ଼ିଚାଲେ ନିର୍ଯାତନା। ଅନେକ ପରିବାର ବର୍ଷ ବର୍ଷ ଧରି ଏଭଳି ଜୀବନଯାପନ କରୁଛନ୍ତି। ଏ ନେଇ ପୋଲିସ ଓ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ସବୁ ଜାଣି ନୀରବତା ଅବଲମ୍ବନ କରାଯାଉଛି। ପରିସ୍ଥିତି ଓ ପରିବେଶ ବାସନ୍ଦ ପରିବାରଙ୍କୁ ଗାଁ ଛାଡିବାକୁ ବାଧ କରାଏ। ନଚେତ ଗାଁରୁ ସମ୍ପୃକ୍ତ ପରିବାରକୁ ତଡି ଦିଆଯାଏ। ଏହା ଜିଲାରେ ଏକ ସାଧାରଣ ଘଟଣା ହୋଇଗଲାଣି। ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ ଥିବାରୁ ଏଭଳି ଅଭିଯୋଗ ବଢୁଛି। ଗାଁମୁହାଁ ହେଲେଣି ନେତା। ଗାଁ ଗଣ୍ଡାରେ କର୍ମୀଙ୍କ ଉଚ୍ଛୃଙ୍ଖଳ ଆରମ୍ଭ ହେବା କଙ୍ଗାରୁ କୋର୍ଟକୁ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ହେଉଛି।

### ଭୁଲ ନ ଥାଇ ଜରିମାନା ଦେଲୁ

ମୋ ପରିବାରର ଭୁଲ ନ ଥିଲା। ଦୋଷ ନ କରି ଧାରକରଜ କରି ୫୦ ହଜାର ଟଙ୍କା ଜରିମାନା ଦେଲୁ ଓ ଭୁଲ ମାଗିଲୁ। ଅଳ୍ପକେ ବଞ୍ଚିଗଲୁ। ମୁହଁ ଖୋଲିଥିଲେ ଅଯଥାରେ ଗାଁରୁ ବିତାଡିତ ହୋଇଥାନ୍ତୁ। ସମ୍ପତ୍ତି ନଷ୍ଟ ହୋଇଥାନ୍ତା। ପିଲାମାନେ ପାଠପଢ଼ାରୁ ବଞ୍ଚିତ ହୋଇଥାନ୍ତେ। କଙ୍ଗାରୁ କୋର୍ଟ ସମ୍ପର୍କରେ ମୁହଁ ଖୋଲି ଅନେକ ପରିବାର ଫସଛନ୍ତି। ନ୍ୟାୟ ପାଇଁ ଲଢ଼େଇ କରି ହାରି ଯାଇଛନ୍ତି। ସେମାନଙ୍କ ଅଭିଶପ୍ତ ଜୀବନଯାପନ ଆମକୁ ଏଭଳି ନିଷ୍ପତ୍ତି ନେବାକୁ ବାଧ କରାଇଥିଲା ବୋଲି ଏକ ଦଣ୍ଡିତ ପରିବାରର ଜଣେ ମହିଳା କାନ୍ଦି କାନ୍ଦି କହିଛନ୍ତି। ଆଖି ଆଗରେ ସେପରି କେତେଗୋଟି ଘଟଣା ଘଟି ଯାଇଛି। ଆମ ନିଷ୍ପତ୍ତି ଭୁଲ ଜାଣିକି ବି ପରିବାରର ସୁଖ ପାଇଁ ଏଭଳି କଲୁ।

### ଭୟ କରେ ପ୍ରଶାସନ ଓ ପୋଲିସ

ବିଭିନ୍ନ ଗାଁରେ କଙ୍ଗାରୁ କୋର୍ଟକୁ ସବୁବର୍ଗର ଲୋକଙ୍କର ସମ୍ମତି ନ ଥାଏ। କେତେଜଣ ଲୋକ ଏହି କୋର୍ଟ କରି ଗାଁରେ ଆତଙ୍କରାଜ ଚଳାଇଛନ୍ତି। ଭୟ ଓ କ୍ଷତିକୁ ଆଖି ଆଗରେ ରଖି ଅନେକ ପରିବାର କଙ୍ଗାରୁ କୋର୍ଟ, ଖଟବୁଲାକୁ ବିରୋଧ କରୁଥିଲେ ମଧ ପରିସ୍ଥିତି ସେମାନଙ୍କୁ ଚୁପ୍ ରହିବାକୁ ବାଧ କରାଏ। କାରଣ ଗାଁରେ ଟିକିଏ ଟିକିଏ କଥାରେ ରାଜନୀତି ଚାଲେ। ଗାଳିଗୁଲଜ, ନିର୍ଯାତନା, ମାରପିଟ ହୁଏ। ଆଉ ସେମାନଙ୍କୁ ରାଜନୈତିକ ନେତାମାନେ ସହଯୋଗ ଓ ସମର୍ଥନ କରନ୍ତି। ଦରକାର ପଡିଲେ ପୋଲିସକୁ ଚୁପ ରହିବାକୁ ବି ପରାମର୍ଶ ଦିଆଯାଏ। ସଂଖ୍ୟାଗରିଷ୍ଠ ଭୋଟକୁ ଆଖିଆଗରେ ରଖି ରାଜନୈତିକ ଦଳମାନେ ଏହି ଖେଳ ଖେଳି ଆସୁଛନ୍ତି। ପୋଲିସ ଗରିବ ଲୋକଙ୍କୁ ସିନା ନାଲିଆଖି ଦେଖାଏ, ହେଲେ ରାଜନୈତିକ ନେତା ଓ ହାତଗୁଞ୍ଜା ଆଗରେ ଚୁପ ହୋଇଯାଏ। ସେହି ଭୟ ନୀରବ ରହିବାକୁ ବାଧ କରାଏ। ଏହା ସମସ୍ତେ ଜାଣିକି ବି କେହି କହିବାକୁ ଆଗଭର ହୁଅନ୍ତି ନାହିଁ ବୋଲି ଗାଁର ଜଣେ ବୁଦ୍ଧିଜୀବୀ କହିଛନ୍ତି ।

### ଏକତା ବଦଳରେ ଏକଚ୍ଛତ୍ରବାଦ

କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, କଙ୍ଗାରୁ କୋର୍ଟ ନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ବାସନ୍ଦ ପରିବାରର ଦୁଃଖ ବୁଝିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦରକାର। ଆଧୁନିକ ଯୁଗରେ ଏପରି ବ୍ୟବସ୍ଥା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, କଙ୍ଗାରୁ କୋର୍ଟ ଗାଁ ଗାଁରେ ଭୟର ବାତାବରଣ ସୃଷ୍ଟି କରାଉଛି। ଅନେକ ପରିବାର ସର୍ବସ୍ୱାନ୍ତ ହୋଇଯାଉଛନ୍ତି। ପ୍ରଶାସନ ଅଭିଯୋଗକୁ ଗୁରୁତ୍ୱ ଦେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ଗାଁରେ ଏକତା ବଜାୟ ରହୁ। କିନ୍ତୁ ଏକତା ନାଁରେ ଏକଚ୍ଛତ୍ରବାଦ କରା ନ ଯାଉ। ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, କଙ୍ଗାରୁ କୋର୍ଟ ଏକ ଅଣସାମ୍ବିଧାନିକ କାର୍ଯ୍ୟ। ଆଇନ ଆଗରେ ସମସ୍ତେ ସମାନ। ଏହାକୁ ଦୃଢ଼ ହସ୍ତରେ ପ୍ରଶାସନ ଦମନ କରିବା ଦରକାର। ଯାହା ବାସନ୍ଦ ପରିବାରକୁ ନ୍ୟାୟ ଦେବ। ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, ମଧ୍ୟସ୍ଥତା ମାଧ୍ୟମରେ ବିବାଦକୁ ସମାଧାନ କରିବାର ନିର୍ଦ୍ଦେଶ ସୁପ୍ରିମକୋର୍ଟଙ୍କ ରହିଛି। ମାତ୍ର ସମାଧାନ ବଦଳରେ ଏକତରଫା ବିଚାର କଙ୍ଗାରୁ କୋର୍ଟକୁ ଜନ୍ମ ଦେଉଛି।

### ସଚେତନତା ଶୀତଳଭଣ୍ଡାରରେ

ନୟାଗଡ଼ ଜିଲାର କୋଟଗଡ, କ୍ଷତ୍ରିବରପୁର, ଖଡିଆ, ଗୌରାଙ୍ଗପୁର, ଭାଡିକିଳା, ରଘୁନାଥପୁର, ବାଉଁଶିଆପଡା, ଭୁତଡିହି ପରି ଅନେକ ଗାଁରେ କଙ୍ଗାରୁ କୋର୍ଟ ହେଉଛି ବୋଲି ଅଭିଯୋଗ ରହିଛି। କଙ୍ଗାରୁ କୋର୍ଟ ନେଇ ସଚେତନତାର ଆବଶ୍ୟକତା ରହିଛି। କିନ୍ତୁ ପ୍ରଶାସନ ପକ୍ଷରୁ କେବଳ କୋଟଗଡରେ ସଚେତନତା କରାଯାଇ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଛି। ଖଟବୁଲା ଓ କଙ୍ଗାରୁ କୋର୍ଟ ଉପରେ ସଚେତନତା ପାଇଁ ତତ୍କାଳୀନ ଜିଲାପାଳ, ଏସ୍‌ପି ପ୍ରାୟ ୨୨ ମାସ ତଳେ କୋଟଗଡରେ ପହଞ୍ଚି ସଚେତନତା କରିଥିଲେ। ଏହାପରେ ଆଉ ସଚେତନତା କରାଯାଉନାହିଁ।

# ପୋଖରୀ ଜବରଦଖଲ ଅଭିଯୋଗ



ପରିତ୍ୟକ୍ତ ପୋଖରୀକୁ ଜବରଦଖଲକାରୀମାନେ ପୋତି ଦେଉଛନ୍ତି।

**ଖଣ୍ଡପଡା,୯।୪ (ସ୍ୱ.ପ୍ର)**

ଖଣ୍ଡପଡା ସହରର ୧ନଂ. ୱାର୍ଡ ଅଧୀନ ପଶ୍ଚିମ ମୁଖା ହନୁମାନଙ୍କ ପୀଠ ପଛପାର୍ଶ୍ୱରେ ଥିବା ପରିତ୍ୟକ୍ତ ପୋଖରୀକୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଖଣ୍ଡପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଜବରଦଖଲକାରୀମାନେ ଜେସିବି ଦ୍ୱାରା ମାଟି ପକାଇ ଉକ୍ତ ପୋଖରୀକୁ ପୋତି ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷ ଅବଗତ ହେବା ପରେ ପରିତ୍ୟକ୍ତ ପୋଖରୀକୁ ପୋତି ଦେଉଥିବା ଜବରଦଖଲକାରୀଙ୍କୁ ତାଗିଦ୍ କରିଥିବା ଜଣାଯାଇଛି।

# ବିଦ୍ୟାଳୟ ଉଚ୍ଚାକାଂକ୍ଷୀ ରୂପାନ୍ତରଣ ଯୋଜନାର ସମୀକ୍ଷା



ଜିଲାପାଳ ସ୍କୁଲରେ ଆଲୋଚନା କରୁଛନ୍ତି।

**ନୟାଗଡ଼ ଅଫିସ,୯।୪**

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟର ଉଚ୍ଚକାଂକ୍ଷୀ ରୂପାନ୍ତରଣ ଯୋଜନା ମାଧମରେ ନୟାଗଡ ବ୍ଲକ ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟ ସାମିଲ ହୋଇଛି। ଏହି ଯୋଜନାର ସଫଳ ରୂପାୟନ ପାଇଁ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଶୁକ୍ରବାର ଉକ୍ତ ବିଦ୍ୟାଳୟକୁ ଯାଇ ସମୀକ୍ଷା କରିଥିଲେ। ବିଦ୍ୟାଳୟରେ ପହଞ୍ଚି ସ୍ମାଟ କ୍ଲାସ ରୁମ୍, ଇ' ଲାଇବ୍ରେରୀ, ସ୍ୱଚ୍ଛ ଶୌଚାଳୟ, ବିଦ୍ୟାଳୟର ପରିସ୍କାର ପରିଚ୍ଛନତା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ ସୂଚନା ଅନୁସାରେ, ପୂର୍ବରୁ ବିଦ୍ୟାଳୟର ପୁରାତନ ଛାତ୍ର, ବୁଦ୍ଧିଜୀବୀ, ଅଭିଭାବକମାନଙ୍କୁ ନେଇ ପ୍ରଥମ ବୈଠକ ଅନୁଷ୍ଠିତ ହୋଇସାରିଛି। ଖୁବ୍‌ଶୀଘ୍ର ୨ୟ ବୈଠକ ହେବ ବୋଲି ଜିଲାପାଳଙ୍କୁ ପ୍ରଧାନ ଶିକ୍ଷକ ଅବଗତ କରାଇଥିଲେ।

# ଆଧାର ଲିଙ୍କ୍ କରି ଫସିଲେ ଚାଷୀ

**ନୟାଗଡ଼ ଅଫିସ,୯।୪**



ଦଶପଲ୍ଲା ତହସିଲଦାରଙ୍କୁ ଅଭିଯୋଗ କରିବା ପାଇଁ ଆସିଥିବା କଇଁମ ଗାଁର ଚାଷୀମାନେ।

**ନୟାଗଡ଼ରେ ୟୁରିଆ ସାର ହେରଫେର**
- ୮୬ଜଣଙ୍କ ନାଁରେ ୧୬୩୪ ବସ୍ତା ସାର ହଡ଼ପ
- କୃଷି ଓ ରାଜସ୍ୱ ବିଭାଗର ଯୁଗ୍ମ ତଦନ୍ତ

ନୟାଗଡ଼ ଜିଲାର ବିଭିନ୍ନ ବ୍ଲକରେ ୟୁରିଆ ସାର ହେର୍‌ଫେର ହୋଇଥିବା ଅଭିଯୋଗ ହୋଇଛି। ଆଧାର ଲିଙ୍କ୍ ନ କଲେ ଅଧା ଦାମରେ ସାର ମିଳିବ ନାହିଁ କହି ଚାଷୀଙ୍କୁ ପ୍ରତାରଣା କରାଯାଇଛି। ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତ କଇଁମ ଗାଁର ଚାଷୀଙ୍କ ଅଭିଯୋଗ ପରେ ସାର ହେରଫେର ଲୋକଲୋଚନକୁ ଆସିଛି। ଏହି ଗାଁରେ ୮୬ ଜଣ ଚାଷୀଙ୍କ ନାଁରେ ୧୬୩୪ ବସ୍ତା ସାର ହଡପ କରାଯାଇଛି। କଇଁମ ଗାଁର ଚାଷୀଙ୍କ ଅଭିଯୋଗ ପରେ ଜିଲାସାରା ସାର ହେରଫେରର ତଦନ୍ତ ଆରମ୍ଭ ହୋଇଛି। କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଏହାର ଯୁଗ୍ମ ତଦନ୍ତ କରାଯାଉଛି।

ଅଭିଯୋଗ ଅନୁସାରେ, ନୟାଗଡ଼ ମହାବୀର କୃଷି ପ୍ରତିଷ୍ଠାନର ଜଣେ କର୍ମଚାରୀ ୩୧୭୧୭୨ ରେଜିଷ୍ଟର ନମ୍ବର ଦେଖାଇ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀଙ୍କ ସହାୟତାରେ ଗାଁ ଚାଷୀଙ୍କର ନାମକୁ ସାର ପାଇଁ ଆଧାର ଲିଙ୍କ କରାଇ ଥିଲେ। ଯେଉଁ ଚାଷୀମାନେ ଆଧାର ଲିଙ୍କ ନ କରିବେ ସେମାନେ ୟୁରିଆ ସାରକୁ ଅଧା ଦାମରେ ପାଇବେ ନାହିଁ ବୋଲି କୁହାଯାଇଥିଲା। ଏହାପରେ ଗାଁର ୧୮୫ ପରିବାର ମଧ୍ୟରୁ ୮୬ଜଣ ଫେବୃୟାରୀ ୪ରେ ନିଜର ଆଧାର ଲିଙ୍କ କରାଇ ନେଇଥିଲେ। ତେବେ ଯେଉଁମାନେ ଆଧାର ଲିଙ୍କ କରିଥିଲେ ସେମାନଙ୍କ ନାଁରେ ସାର ଉଠାଣ ହୋଇଛି। କଇଁମ ଗାଁର ଚାଷୀମାନେ ସାର ହେରଫେର ତଦନ୍ତ ପାଇଁ ଜିଲାପାଳ, ଦଶପଲ୍ଲା କୃଷି ଅଧିକାରୀ ଓ ତହସିଲଦାରଙ୍କୁ ଶୁକ୍ରବାର ଅଭିଯୋଗ କରିଥିଲେ। ଏଭଳି ହେରଫେର ପରେ ଜିଲାର ବିଭିନ୍ନ ସ୍ଥାନରୁ ଅଭିଯୋଗ କୃଷି ଓ ତହସିଲରେ ବଢୁଛି। ଏ ନେଇ କଇଁମ ଗାଁର ତ୍ରିଲୋଚନ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ବିଦେଶୀ ମଳିକ କୁହନ୍ତି, ଚାଷୀଙ୍କ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ହେଲେ ଚାଷୀଙ୍କୁ ସଚେତନ କରାଯାଉ ନ ଥିବାରୁ ସେମାନେ ଠକେଇରଶୀକାର ହୋଇଛନ୍ତି। ଜିଲା କୃଷି ବିଭାଗ ଏ ଦିଗରେ ପ୍ରତିକାର କରିବା ଉଚିତ। ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପ୍ରଧାନ କୁହନ୍ତି, କଇଁମ ଗାଁ ପରି ଅନେକ ଚାଷୀ ଠକାମିର ଶିକାର ହୋଇଛନ୍ତି। ଅଭିଯୋଗ ମିଳିବା ପରେ ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ ନିର୍ଦ୍ଦେଶ ଅନୁସାରେ, ଜିଲା କୃଷି ଅଧିକାରୀ ଓ ତହସିଲଦାରଙ୍କୁ ତଦନ୍ତ କରିବାକୁ କୁହାଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ବାଲୁଗାଁର ଚାଷୀ ରଣଜିତ ଦଳବେହେରା କୁହନ୍ତି, ୟୁରିଆ ସାର ଦୁର୍ନୀତିର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଦାରକାର। ଚାଷୀଙ୍କୁ ଠକିଥିବା ଅନୁଷ୍ଠାନ ଓ କର୍ମଚାରୀ ଦଣ୍ଡିତ ହେଲେ ଆଗକୁ ଏପରି ଠକେଇ କରିବେ ନାହିଁ ବୋଲି ସେ କହିଛନ୍ତି।

# ନଳକୂଅ ଅଚଳ, ନାଳ ପାଣି ଭରସା

**ଦଶପଲ୍ଲା,୯।୪ (ଡି.ଏନ.ଏ.)**



ଅଚଳ ହୋଇପଡ଼ିଥିବା ନଳକୂପ।

ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ନୂଆଗାଁ ପଞ୍ଚାୟତର ଗୁଡୁରିସାହି, ଉଷାସିଙ୍ଗ ଗ୍ରାମର ଲୋକେ ପ୍ରଶାସନର ଅଣଦେଖାର ଶିକାର ହୋଇଛନ୍ତି। ପିଇବା ପାଣି ମୁନ୍ଦେ ପାଇଁ ଡହଡହ ଖରାରେ ଗରାମାଠିଆ ଧରି ଅଧ କିମି ଦୂରରେ ଥିବା ନାଳକୁ ଯିବାକୁ ପଡୁଛି। ସେଠାରେ ମହିଳାମାନେ ଚୁଆ ଖୋଳି ପାଣି ଆଣୁଛନ୍ତି। ୨୦୦୯ରେ ଗାଁରେ ଗୋଟିଏ ନଳକୂପ ଖୋଳା ଯାଇଥିଲା। ମାତ୍ର ବର୍ଷେ ପରେ ନଳକୂପଟି ଅଚଳ ହୋଇପଡିଲା। ନଳକୂପ ମରାମତି ପାଇଁ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଗ୍ରାମବାସୀ ବାଧ ହୋଇ ଜୀବନ ବଞ୍ଚାଇବାକୁ ନାଳ ପାଣି ଉପରେ ନିର୍ଭର କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଚଳ ନଳକୂପକୁ ମରାମତି କରିବା ସହ ପାନୀୟ ଜଳର ବ୍ୟବସ୍ଥା କରବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଖବରଦାତାଙ୍କ ଘରୁ ଚୋରି

**ନୟାଗଡ ଅଫିସ,୯।୪:** ନୟାଗଡ ପୁରୁଣା ସହର ମଙ୍ଗଳାସାହିର ଖବରଦାତା କିଶୋର ମହାପାତ୍ରଙ୍କ ଘରୁ ଲାପଟପ ଶୁକ୍ରବାର ପୂର୍ବାହ୍ନରେ ଚୋରି ହୋଇଛି। ସ୍ଥାନୀୟ ଅଞ୍ଚଳର ଜଣେ ଲୁଟେରା ପୂର୍ବାହ୍ନରେ ଖବରଦାତାଙ୍କ ଘର ନିକଟରେ ସନ୍ଦେହ ଭାବେ ବୁଲୁଥିଲେ। ଏପରି ସମୟରେ ଲାପଟପ ଚୋରି ସମ୍ପୃକ୍ତ ଲୁଟେରାଙ୍କୁ ସନ୍ଦେହ ଘେରକୁ ଆସିଛନ୍ତି। ଏ ନେଇ ନୟାଗଡ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭଙ୍ଗାଘରେ ମାରିଲେ ଆବାସ ଯୋଜନାର ଫଳକ

**ନୟାଗଡ ଅଫିସ,୯।୪**



ଦମ୍ପତିଙ୍କ ଭଙ୍ଗାଘରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ଆବାସ ଫଳକ ।



ଛାତରୁ କଂକ୍ରିଟ୍ ଛାଡ଼ିଯାଇଛି।

- ଫଟୋ ଉଠାଇ ଦେବାକୁ ବାଧ କରୁଛନ୍ତି
- ଛାତଘର କହି କାର୍ଯ୍ୟାଦେଶ ଦେଇ ନ ଥିଲେ
- ଭିନ୍ନକ୍ଷମ ପରିବାର ବିଡିଓ ଓ ଏଡିଏମ୍‌ଙ୍କୁ ଫେରାଦ

କାର୍ଯ୍ୟାଦେଶ ନ ଦେଇ ଭଙ୍ଗା ଘରେ ଫଳକ ଲଗାଇଲେ। ପୁଣି ଫଟୋ ଉଠାଇ ଦେବାକୁ ବାଧ କରୁଛନ୍ତି। ଇଟାମାଟି ପଞ୍ଚାୟତରେ ଏଭଳି କରାଯିବା ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ)ଓ ବିଜୁ ପକ୍କାଘର ଯୋଜନାରେ ଜାଲଆଡିର ପର୍ଦ୍ଦାଫାସ ହୋଇଛି। ଏଭଳି ଘଟଣା ନୟାଗଡ଼ ଜିଲା ଇଟାମାଟିରେ ହୋଇଛି। ଏ ନେଇ ଭିନ୍ନକ୍ଷମ ଦମ୍ପତି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ଅତିରିକ୍ତ ଜିଲପାଳ(ଏଡିଏମ୍) ଓ ନୟାଗଡ ବିଡିଓଙ୍କୁ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁସାରେ, ଇଟାମାଟି ବେହେରାସାହିରେ ରୁହନ୍ତି ଭିନ୍ନକ୍ଷମ ସଂଖ୍ୟାଲଘୁ ସେଖ ସଲିମ୍ ଖାଁ ଓ ସ୍ତ୍ରୀ ମମତାଜ ବିବି। ଏହି ଦମ୍ପତିଙ୍କର ଛାତ ଘର ଥିଲେ ବି ଅର୍ଥଭାବରୁ ମରାମତି କରି ପାରି ନ ଥିଲେ। ଛାତରୁ କଂକ୍ରିଟ ଖଣ୍ଡ ଖସି ସହ ପାଣି ଗଳୁଛି। ଜରି ପାଲ ଘୋଡାଇ ଭଙ୍ଗା ଘରେ ଏହି ଦମ୍ପତି ବହୁ କଷ୍ଟରେ ରହୁଛନ୍ତି। ଆବାସ ଯୋଜନାରେ ଘରଟିଏ ପାଇବାକୁ ଦମ୍ପତି ବିଭିନ୍ନ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ବିଡିଓ, ଜିଲାପାଳଙ୍କୁ ଭେଟିଥିଲେ। ହେଲେ ଛାତ ଘର କହି ସେମାନଙ୍କୁ ଫେରାଇ ଦିଆଯାଇଥିଲା। ତେବେ ଫଳକ ଲଗାଇବା ପରେ ଏହି ଦମ୍ପତିଙ୍କ ନାଁରେ ୨୦୧୬ରେ ଆବାସ ଯୋଜନା ଦିଆଯାଇଥିବା ଜଣାପଡିଛି। ହିତାଧିକାରୀ ହୋଇଥିବାରୁ ଫଳକ ଲଗାଇବା ଓ ଫଟୋ ଉଠାଇବାକୁ ବାଧ କରାଯାଉଛି। ଏ ନେଇ ସେଖ ସଲିମ୍ ଓ ସ୍ତ୍ରୀ ମମତାଜ କୁହନ୍ତି, ଆମେ ଘରଟିଏ ପାଇବାକୁ ବାରମ୍ବାର ପ୍ରଶାସନ ନିକଟରେ ନେହୁରା ହୋଇଥିଲୁ। ଆମକୁ କାର୍ଯ୍ୟାଦେଶ ଦିଆଯାଇନାହିଁ। ଆମେ ଟଙ୍କା ନେଲୁ କିପରି। ଆମ ନାଁରେ ଅନ୍ୟ କିଏ ଟଙ୍କା ଉଠାଣ କରି ନେଇ ଯାଇଛନ୍ତି। ଏହାର ତଦନ୍ତ ହେବା ଦରକାର। ଆମେ କିଛି ସରକାରୀ ସହାୟତା ନ ପାଇ ଘରେ କିପରି ଆବାସ ଯୋଜନାର ଫଳକ ଲଗାଇବୁ। ପୁଣି ଫଟୋ ଉଠାଇ ଦେବୁ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଆମକୁ ଫଳକ ଲଗାଇବା ଓ ଫଟୋ ଉଠାଇବାକୁ କହିଥିଲେ ହେଁ ଆମେ କରିନାହୁଁ ବୋଲି କହିଛନ୍ତି। ତେବେ ଦୁର୍ନୀତି ସମ୍ପର୍କରେ ନୟାଗଡ ବିଡିଓଙ୍କୁ ଅଭିଯୋଗ କରିଛୁ। ସେ ତଦନ୍ତ କରିବାକୁ ଆସି କହି ଆସିନାହାନ୍ତି। ଅତିରିକ୍ତ ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କୁହନ୍ତି, ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଭିନ୍ନକ୍ଷମ ଦମ୍ପତି ଆବାସ ଯୋଜନାର ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ଏ ନେଇ ବିଡିଓଙ୍କୁ ତଦନ୍ତ କରିବାକୁ କୁହାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

NOTICE

"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in"

**ସର୍ବସାଧାରଣ ବିଜ୍ଞପ୍ତି**

**ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅଧିସୂଚିତ କରାଯାଉଛି ଯେ, ରାଜପତ୍ର ଅଧିସୂଚନା ସଂଖ୍ୟା ଏସ୍.ଓ.୨୪୨୧(ଇ) ଅନୁଯାୟୀ ଏନ୍‌ଏଚ୍-୧୬ର ଭୁବନେଶ୍ୱର-ଜଗତପୁର-ଚଣ୍ଡିଖୋଲ ସେକ୍ସନର କି.ମି.୪୧୩.୦୦୦ରୁ କି.ମି. ୪୧୮.୦୦୦ ଏବଂ କି.ମି. ୦୦.୦୦୦ରୁ କି.ମି.୬୨.୦୦୦ ଅଂଶ ନିମନ୍ତେ ନିର୍ମାଣ ଅବଧିରେ କି.ମି. ୩୪.୬୨୪ ଅର୍ଥାତ୍ ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା, ଗ୍ରାମ- ହରିଅନ୍ତା, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହକୁ ଅଧିକୃତ କରାଯାଇଥିଲା ।
ଉକ୍ତ ଅଧିସୂଚନା ଛଅ ଲେନିଂ ପରେ କି.ମି. ୪୦.୫୦୦ଠାରେ ଟୋଲ୍ ସଂଗ୍ରହକୁ ମଧ ଅଧିକୃତ କରିଥାଏ । ତେଣୁ, ଉପରୋକ୍ତ ରାଜପତ୍ର ଅଧିସୂଚନା ଅନୁଯାୟୀ, **ତା୧୫।୦୪।୨୦୨୧ରିଖ ୦୦.୦୦ ଘଟିକାଠାରୁ** ମଙ୍ଗୁଳିସ୍ଥିତ କି.ମି. ୩୪.୬୨୪ ପରିବର୍ତ୍ତେ **କି.ମି. ୪୦.୫୦୦,** ଗ୍ରାମ- ବଦାଲୋ, ଟାଙ୍ଗୀ, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହ କରାଯିବ ।

**OFFICE OF THE MUNICIPAL COUNCIL, SUNABEDA**

Letter No.1250 Date:8.4.21

**TENDER CALL NOTICE**

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

**Sd./- Executive Officer, Sunabeda Municipality**
OIPR-13076/11/0001/2122

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ;** (୧) ସିକେପି-ୱେଷ୍ଟ-୨୧-୨୨-୦୧, ତାରିଖ: ୦୮।୦୪।୨୦୨୧; ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ବି, ଇ, ସି, ଡି ଏବଂ ଲୋକୋ କଲୋନୀଠାରେ ଆରସିସି ଛାତର ଲିକେଜ୍ ଓ ଅନାବୃତ ରିଇନଫୋର୍ସମେଣ୍ଟର ମରାମତି; ₹୨,୩୪,୭୯,୨୨୩.୬୬ । (୨) ସିକେପି-ୱେଷ୍ଟ-୨୧-୨୨-୦୨, ତାରିଖ: ୦୮।୦୪।୨୦୨୧; ଏସ୍‌ଏସ୍‌ଇ/ୱାର୍କସ୍-।।/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ 'ବି' ଏବଂ 'ସି' ସେକ୍ଟର ବଣ୍ଡମୁଣ୍ଡାଠାରେ ପୃଥକ ଜୀର୍ଣ୍ଣଶୀର୍ଣ୍ଣ ମାସୋନାରି ଓ.ଏଚ୍. ଟାଙ୍କିର ୱାଟର ଷ୍ଟୋରେଜ୍ ଟାଙ୍କି ଦ୍ୱାରା ମରାମତି କରିବା; ₹୮୧,୩୭,୧୭୩.୩୯ । **ଇଏମ୍‌ଡି:** ଉଭୟ ପାଇଁ 0.0 । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ 0.0 । **ଖୋଲାଯିବା ତାରିଖ:** ଉଭୟ ପାଇଁ ୦୬।୦୫।୨୦୨୧ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-।/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦) (PR-11)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/20-21/E-Tender/65 ତା.06.04.2021ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENTKUR-294-2020, ତା.25.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପରିସୀମା ଅଧୀନସ୍ଥ ରେଟଙ୍ଗ, ପଟିଆ, ବାରଙ୍ଗ ଏବଂ ନରାଜ ମାର୍ଥପୁର ଷ୍ଟେସନଗୁଡ଼ିକ ଠାରେ ହାଇ ଲେଭେଲ (high level) ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 287.81 ଲକ୍ଷ, ଶେଷ ହେବା ଅବଧି : 10 (ଦଶ) ମାସ

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EASTKUR-296-2020, ତା.30.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-II, କଟକ ପରିସୀମା ଅଧୀନସ୍ଥ କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 12.70 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 326.75 ଲକ୍ଷ, ଶେଷ ହେବା ଅବଧି : 12 (ବାର) ମାସ

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-299-2020, ତା.31.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ) ପରିସୀମା ଅଧୀନସ୍ଥ ବିଭିନ୍ନ ୟାର୍ଡ଼ ଲାଇନ୍‌ଗୁଡ଼ିକଠାରେ 15.135 କି.ମି. କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 307.67 ଲକ୍ଷ, ଶେଷ ହେବା ଅବଧି : 18 (ଅଠର)ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.04.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-08/M/21-22